# ଚଷମା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମପୁର, ୩୦।୫(ସମିସ):** ସ୍ଥାନୀୟ ଗେଟବଜାର ଛକ ନିକଟରେ ଜଣେ ଚଷମା ଦୋକାନୀଙ୍କୁ କିଛି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଗେଟବଜାର ଛକ ନିକଟରେ ରବିନ କୁମାର ମହାପାତ୍ର(୪୬)ଙ୍କ ଏକ ଚଷମା ଦୋକାନ ରହିଛି। ଗତ ୨୮ ତାରିଖରେ କିଛି ଦୁର୍ବୃତ୍ତ ତାଙ୍କ ଦୋକାନ ନିକଟରେ ପହଁଞ୍ଚି ରବିନଙ୍କୁ ଗାଳିଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଯାହା ଫଳରେ ରବିନ ଗୁରୁତର ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ରବିନ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

# ପେଟ୍ରୋଲ ଢାଳି ଯୁବକଙ୍କୁ ନିଆଁ ଲଗାଇବା ଘଟଣା; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୩୦।୫(ସମିସ):** ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ହରିଜନ ସାହିରେ ଜଣେ ଯୁବକଙ୍କ ଉପରକୁ ପେଟ୍ରୋଲ ଢାଳି ନିଆଁ ଲଗାଇବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଟିକରପଡ଼ା ଗ୍ରାମର ଟିଙ୍ଗିରୀ ନାୟକ (୨୦)। ସୂଚନାଯୋଗ୍ୟ ଯେ, ଗତ ୧୫ତାରିଖ ରାତି ପ୍ରାୟ



୮ଟା ସମୟରେ ଡେଙ୍ଗାପଦର ହରିଜନ ସାହିର ଦିବାକର ନାୟକଙ୍କ ପୁଅ ସାଲୁ ନାୟକ ନିଜ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ଟିକରପଡ଼ା ଗ୍ରାମର ଟିଙ୍ଗିରି ନାୟକଙ୍କ ସମେତ ୩ଜଣ ଯୁବକ ଏକ ସ୍କୁଟିରେ ଆସି ସାଲୁଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଉପରେ ପେଟ୍ରୋଲ ପକାଇଥିଲେ। ପରେ ଟିଙ୍ଗିରିଙ୍କ ସହଯୋଗୀମାନେ ଦିଆସିଲି ଲଗାଇ ତାଙ୍କ ଉପରକୁ ଫୋପାଡ଼ିଥିଲେ। ଫଳରେ ସାଲୁଙ୍କ ଶରୀରର ପିଠି, ହାତ ଓ ମୁହଁରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟଲୋକେ ସାଲୁଙ୍କୁ ଉଦ୍ଧାର କରି ନିଆଁକୁ ଆୟତ୍ତ କରିବା ସହ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଗୁରୁତର ସାଲୁଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସାଲୁଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତ ଟିଙ୍ଗିରିକୁ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଥିବା ଜଣାପଡ଼ିଛି।

# ଟିପିଏସ୍‌ଓଡିଏଲ୍‌କୁ ମିଳିଲା 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ମାନ୍ୟତା



**ବ୍ରହ୍ମପୁର, ୩୦।୫(ସମିସ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ) 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ'ର ମାନ୍ୟତା ହାସଲ କରିଛି। ଏହି ସମ୍ମାନସ୍ୱଦ ପ୍ରମାଣପତ୍ର ଚଳିତ ବର୍ଷ ମଇରୁ ଆସନ୍ତାବର୍ଷ ମଇ ମାସ ପର୍ଯ୍ୟନ୍ତ ବୈଧ ହେବ। ଏହି ପ୍ରମାଣପତ୍ର କମ୍ପାନୀର ଅସାଧାରଣ କର୍ମକ୍ଷେତ୍ର ସଂସ୍କୃତିକୁ ପ୍ରମାଣିତ କରୁଛି। କମ୍ପାନୀର କର୍ମକ୍ଷେତ୍ର ସଂସ୍କୃତି ଓ କର୍ମଚାରୀମାନଙ୍କର କମ୍ପାନୀ ପ୍ରତି ଥିବା ସନ୍ତୁଷ୍ଟି ଓ ବିଶ୍ୱାସ ଆଧାରରେ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପ୍ରମାଣପତ୍ର ପ୍ରଦାନ କରାଯାଏ। ଟିପିଏସ୍‌ଓଡିଏଲ୍ ନିଜର କର୍ମଚାରୀମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ଓ ବନ୍ଧୁତାର ଭାବକୁ ପ୍ରତିଫଳିତ କରିପାରିଛି। ଫଳରେ ଏହି ସମ୍ମାନସ୍ୱଦ ପ୍ରମାଣପତ୍ର କମ୍ପାନୀକୁ ମିଳିଛି। ସେହିଭଳି ଏହି ମାନ୍ୟତା କମ୍ପାନୀର ସକାରାନକ କାର୍ଯ୍ୟ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ। ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଭାରତଠାରୁ ଏହି ପ୍ରମାଣପତ୍ର ଗ୍ରହଣ କରି ଆମେ ଆନନ୍ଦିତ। ଟିପିଏସ୍‌ଓଡିଏଲରେ କର୍ମଚାରୀମାନେ ନିଜର କାର୍ଯ୍ୟ ଓ କାର୍ଯ୍ୟକ୍ଷେତ୍ରକୁ ନେଇ ଗର୍ବ କରନ୍ତି। କମ୍ପାନୀର ଲକ୍ଷ୍ୟ ପୂରଣରେ ସମସ୍ତ କର୍ମଚାରୀ ପ୍ରତିବଦ୍ଧ ଅଟନ୍ତି। ଏହି ପ୍ରମାଣପତ୍ର କର୍ମଚାରୀମାନଙ୍କର ନିଷ୍ଠା ଓ ଆମ ସୁପରିଚାଳନାର ପ୍ରମାଣ ବୋଲି କହିଛନ୍ତି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ। ଟିପିଏସ୍‌ଓଡିଏଲ୍ କିଭଳି କର୍ମଚାରୀମାନଙ୍କର କଲ୍ୟାଣ ଓ ବୃତ୍ତିଗତ ଅଭିବୃଦ୍ଧି ଦିଗରେ ଧ୍ୟାନ ଦେଉଛି ଓ ସେନେଇ କ୍ରମାଗତ ପ୍ରଚେଷ୍ଟା ଜାରି ରଖିଛି, ସେସମ୍ପର୍କରେ ମଧ୍ୟ ଏହି ପ୍ରମାଣପତ୍ରରେ ଉଲ୍ଲେଖ ରହିଛି। ସେହିଭଳି ସମାଜ ପ୍ରତି ଅବଦାନ, କର୍ମକ୍ଷେତ୍ରରେ ଉତ୍ସବ, ପରିଚାଳନା ଦକ୍ଷତା ଓ କର୍ମଚାରୀଙ୍କ କାର୍ଯ୍ୟ ଓ ଅନୁଷ୍ଠାନ ପ୍ରତି ଥିବା ସନ୍ତୁଷ୍ଟି କ୍ଷେତ୍ରରେ କମ୍ପାନୀର ଯୋଗଦାନ ସମ୍ପର୍କରେ ମଧ୍ୟ ପ୍ରମାଣପତ୍ରରେ ଆଲୋକପାତ କରାଯାଇଛି।

## ରକ୍ଷଣାବେକ୍ଷଣ ଅଭାବ

# ଖତଖାଉଛି ଶିଶୁ ଉଦ୍ୟାନ, ନଷ୍ଟ ହେଉଛି ଓପନ୍ ଜିମ୍











**ବ୍ରହ୍ମପୁର, ୩୦।୫(ସମିସ)**

- ଭାଙ୍ଗୁଛି ଉପକରଣ, ବଢ଼ୁଛି ଲଟାବୁଦା
- ବିଏମ୍‌ସି ଓ ବିଡିଏର ଦୃଷ୍ଟି ପଡ଼ିବ କେବେ ?

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଓ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡ଼ିଏ)ର ଦୂରଦୃଷ୍ଟି ଅଭାବ ଯୋଗୁଁ ଅନେକ ପ୍ରକଳ୍ପର ରକ୍ଷଣାବେକ୍ଷଣ ହୋଇପାରୁନି। ଏବେ ଅନେକ ସ୍ଥାନରେ ନିର୍ମିତ ଓପନ ଜିମ ଅସ୍ତିତ୍ୱ ହରାଉଥିବା ସହ ଶିଶୁ ଉଦ୍ୟାନ ଗୁଡ଼ିକର ଉପକରଣ ମଧ୍ୟ ଭାଙ୍ଗିରୁଜି ନଷ୍ଟ ହେବାରେ ଲାଗିଛି। ଏନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନଥିବା ବେଳେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସହରକୁ ଅଧିକ ସୁନ୍ଦର ସରସ କରିବା ସହିତ ଶିଶୁମାନଙ୍କ ଖେଳକୁଦ ଓ ମନୋରଞ୍ଜନ ଲାଗି ସହରର ଅନେକ ସ୍ଥାନରେ ଶିଶୁ ପ୍ରମୋଦ ଉଦ୍ୟାନ ନିର୍ମାଣ କରାଯାଇଛି। ସେହିଭଳି ସହରବାସୀଙ୍କ ସ୍ୱାସ୍ଥ୍ୟପଯୋଗୀ ଲାଗି ଓପନ ଜିମ୍ ନିର୍ମାଣ ହୋଇଛି। ଏହିକ୍ରମରେ ସହରର ବିଭିନ୍ନ ୱାର୍ଡ଼ରେ ବ୍ୟାୟାମ ଉପକରଣ ସ୍ଥାନ ପାଇଛି। ଭଳିକି ଭଳି ରଙ୍ଗବେରଙ୍ଗ ଓ ଅତ୍ୟାଧୁନିକ ଉପକରଣ ସବୁ ସ୍ଥାନରେ ଖଞ୍ଜାଯାଇଛି। ଏଥିଦ୍ୱାରା ସହରବାସୀଙ୍କ ମନରେ ନୂତନ ଉତ୍କଣ୍ଠା ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି। ଏହା ବ୍ୟବହାର ସହରବାସୀଙ୍କ ପକ୍ଷେ ଉପଯୋଗୀ ହେବ ବୋଲି କୁହାଯାଇଛି। ଏହି ଲକ୍ଷ୍ୟରେ ସ୍ଥାପିତ ଉପକରଣ ଏବେ ଭାଙ୍ଗିବାକୁ ବସିଲାଣି। କିନ୍ତୁ ଏଗୁଡ଼ିକ ରକ୍ଷଣା ବେକ୍ଷଣ ପ୍ରତି ଏତେଟା ଗୁରୁତ୍ୱ ଦିଆଯାଉନଥିବା ପରଲକ୍ଷିତ ହୋଇଛି। ଯେଉଁ ସ୍ଥାନରେ ଯାହା ଭାଙ୍ଗିଲା ତାହା ସେମିତି ପଡ଼ି ରହୁଛି। ଆଉ କିଛି ସ୍ଥାନ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆଢୁଆଳେ ମଧ୍ୟ ରହିଯାଇଛି। ଏପରିକି ଉପଯୁକ୍ତ ସ୍ଥାନ ନଥିବା ବେଳେ ନାମକୁ ମାତ୍ର କିଛି ସ୍ଥାନରେ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ କିଛିବର୍ଷ ମଧ୍ୟରେ ସହରରେ ବିକାଶ ଧାରାକୁ ଆଗେଇ ନେବାକୁ ବ୍ରହ୍ମପୁର ମହାନଗର ନିଗମ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରୟାସ କରାଯାଇ ସହରର ଅନେକ ସ୍ଥାନରେ ବିଭିନ୍ନ ସରକାରୀ ଯୋଜନା ଅନ୍ତର୍ଗତ ନିର୍ମିତ ଉଦ୍ୟାନ ପ୍ରକଳ୍ପ ଦୃଷ୍ଟି ଆଢୁଆଳେ ରହିଯାଇଛି।

ସହରର ପ୍ରଥମ ୱାର୍ଡ଼ଠାରୁ ଆରମ୍ଭ କରି ସହରର ଶେଷ ମୁଣ୍ଡ ଯାଏଁ ବିଭିନ୍ନ ସ୍ଥାନରେ ଓପନ ଜିମ ସମେତ ଶିଶୁଙ୍କ କ୍ରିଡ଼ା ଲାଗି ସୁବିଧା ସୁଯୋଗ ରହିଥିଲେ ହେଁ ଏଗୁଡ଼ିକ ଦୀର୍ଘସ୍ଥାୟୀ ହେଲା ଭଳି ଗୁରୁତ୍ୱ ଦିଆଯାଉନଥିବା ସାଧାରଣରେ ଅଭିଯୋଗ ହୋଇଛି। ଏମକେସିଜି କଚେରୀ ନିକଟସ୍ଥ ୩୫ନଂ ୱାର୍ଡ଼ ସନ୍ନିକଟ ଗଜପତି ନଗର ଅନ୍ତର୍ଭୁକ୍ତ ଅଞ୍ଚଳରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଗତ କିଛିବର୍ଷ ପୂର୍ବେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। ଗୋଇଲୁଣ୍ଡି ମୌଉଜାରେ ଏହା ନିର୍ମାଣ କରାଯାଇଥିବା ତୋରଣରେ ଦର୍ଶାଯାଇଛି। ହେଲେ ପାର୍କଟି ବର୍ତ୍ତମାନ ଗଛଲତା ଓ ଘାସ ବୁଦାରେ ପରିପୂର୍ଣ୍ଣ ହୋଇ ରହିଛି। ଶିଶୁ ଉଦ୍ୟାନର ତୋରଣ ଫାଳେ ଭାଙ୍ଗି ଯାଇଛି। ଉଦ୍ୟାନ ଭିତରେ ପଡ଼ିଥିବା ଅନେକ ସିମେଣ୍ଟ ଚେୟାର ମଧ୍ୟ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଏହି ଉଦ୍ୟାନର ରକ୍ଷଣାବେକ୍ଷଣ ପ୍ରତି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଏତେଟା ଗୁରୁତ୍ୱ ଦେଉନଥିବା ପରିଲକ୍ଷିତ ହୋଇଛି। ରକ୍ଷଣାବେକ୍ଷଣ ଅଭବାରୁ ଏଠାକୁ ଯିବାକୁ ଶିଶୁମାନେ ଭୟ କରୁଛନ୍ତି। ସେହିଭଳି ଗଜପତିନଗରର ଅଞ୍ଚଳର ପ୍ରାୟ ପାର୍କର ଅବସ୍ଥା ସମାନ ରହିଥିବା ଲକ୍ଷ୍ୟ କରାଯାଇଛି। ସେହିଭଳି ପ୍ରେମ ନଗର ଅଞ୍ଚଳ ପରିସରରେ ଥିବା କିଛି ଶିଶୁ ଉଦ୍ୟାନ ଆଉ ବ୍ୟବହାର ଯୋଗ୍ୟ ହୋଇନାହିଁ। ଏଠାରେ ରାତିହେଲେ ଅସାମାଜିକଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳିଛି। ଅନୁରୂପ ଭାବେ ବିଇଡ଼ିଏ ପକ୍ଷରୁ ଆଙ୍କୁଲି, ଆମ୍ବପୁଆ, ଖଡ଼ାସିଙ୍ଗି ଆଦି ଅଞ୍ଚଳରେ ହୋଇଥିବା ଅନେକ ଶିଶୁ ଉଦ୍ୟାନ ଖୋଲା ଯାଉନଥିବା ଅଭିଯୋଗ ହୋଇଥିବା ବେଳେ ଆଉ କିଛି ଅଦରକାରୀ ଭାବେ ପଡ଼ି ରହିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନିର୍ମିତ ସହରର ପୁରୁଣା ବ୍ରହ୍ମପୁର, ପାଷ୍ଟଗେଟ, ଲାଞ୍ଜିପଲ୍ଲୀ ସମେତ ବହୁ ୱାର୍ଡ଼ରେ ଅନେକ ଉପକରଣ ଭାଙ୍ଗିବା ସହ ନଷ୍ଟ ହୋଇଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ପ୍ରକାଶ ପାଇଛି। ଏନେଇ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଛନ୍ତି ଯେ, ଏଦିଗରେ ବିଇଏମସି ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯିବ। ବିଭିନ୍ନ ୱାର୍ଡ଼ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହଯୋଗରେ ସେଗୁଡ଼ିକ ତଦାରଖ କରି ସଜାଡ଼ିବା ପ୍ରତି ବିଇଏମସି ଦୃଷ୍ଟି ଦେବ ବୋଲି ସେ କହିଛନ୍ତି।

# ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବୈଠକ

**ବ୍ରହ୍ମପୁର, ୩୦।୫(ସମିସ)**

ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ପୁରୁଣା ବ୍ରହ୍ମପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ୧୯୭୪ମସିହା ମାଟ୍ରିକ୍ ଛାତ୍ର ସଂସଦ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



କମିଟି ସଭାପତି ଅକ୍ଷୟ କୁମାର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ କମିଟି ଉପଦେଷ୍ଟା ଦୁର୍ଯ୍ୟଧନ ସ୍ୱାଇଁ, ଖଲ୍ଲିକୋଟ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଶତପଥୀ ଏବଂ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ ଚଳିତବର୍ଷର ଶିକ୍ଷାଦାନ ଆରମ୍ଭ ହେଲା ପରେ ପ୍ରଧାନ ଶିକ୍ଷକ ଏବଂ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ସାଧରଣ ସମ୍ପାଦକ ଶ୍ରୀପଲ୍ଲବ କମିଟିର ମୁଖପତ୍ର ପାଇଁ ଲେଖା ଆହ୍ୱାନ ସହ ସମସ୍ତଙ୍କ ପୂର୍ଣ୍ଣ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ବୈଠକରେ ଆଭାସୀ ମାଧ୍ୟମରେ ଆବାହକ ନିରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଗୋଦାବରୀଶ ପାଣିଗ୍ରାହୀ ଅଂଶଗ୍ରହଣ କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ବେହେରା, ଉପ-ସଭାପତି ଶଙ୍କର ପ୍ରସାଦ ପାଢ଼ୀ, କୈଳାସ ଚନ୍ଦ୍ର ସାହୁଙ୍କ ସମେତ ନାରାୟଣ ସାହୁ, ମହେନ୍ଦ୍ର କୁମାର ଅଗ୍ରୱାଲ, ବାଉରୀବନ୍ଧୁ ବାଡତ୍ୟା, ରଜନୀକାନ୍ତ ତ୍ରିପାଠୀ, ସନ୍ୟାସୀ ସେନାପତି, ଲଳିତ ମୋହନ ପୁରୋହିତ, ଏ. ଲକ୍ଷ୍ମଣ ରାଓ ଆଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଟେନିସ୍ କୋଚିଂ କ୍ୟାମ୍ପ୍ ଉଦ୍‌ଯାପିତ



**ବ୍ରହ୍ମପୁର, ୩୦।୫(ସମିସ):** ସ୍ଥାନୀୟ ୟୁନିୟନ କ୍ଲବ ପରିସର ସ୍ଥିତ ଟେନିସ ଏରିନାରେ ଦୀର୍ଘ ୨୦ଦିନ ଧରି ଚାଲିଥିବା ଗ୍ରୀଷ୍ମ କାଳୀନ ଟେନିସ କୋଚିଂ କ୍ୟାମ୍ପ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବି.କ୍ରିଷ୍ଣା ରାଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୟୁନିୟନ କ୍ଲବ ସମ୍ପାଦକ ଅରୁଣ ବିଷୋୟୀ, ଜିଡିଟିଏ ସଭାପତି ଅବଦୁଲ ସତାର, ସମ୍ପାଦକ ରାଜେଶ ସାହୁ, ଅଧ୍ୟକ୍ଷ ମିତେନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କ ଦ୍ୱାରା ସଫଳ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିବା ସହ ସମ୍ମାନିତ କରାଯାଇଥିଲା। ରାମହରି ନଗର ସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୭ମ ଶ୍ରେଣୀ ଛାତ୍ର ସନ୍ତୁଜ ଅପ୍ପାରହ୍ମ ସୁଆର ଏବଂ ସି.ଏଚ. ଶଙ୍କର ପାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଗ୍ରୀଷ୍ମକାଳୀନ ଶିବିରରେ ମୋଟ ୨୫ଜଣ ଖେଳାଳି ଅଂଶଗ୍ରହଣ ଗ୍ରହଣ କରିଥିଲେ। କଳିଙ୍ଗ ଷ୍ଟାଡିୟମର ଆସିଷ୍ଟାଣ୍ଟ କୋଚ ମହେଶ୍ୱର ସ୍ୱାଇଁ ଟେନିସ ଖେଳାଳୀଙ୍କୁ କୋଚିଂ ପ୍ରଦାନ କରୁଥିଲେ।

# ବିଶ୍ୱ ତମାଖୁ ବର୍ଜନ ଦିବସ ଆଜି

**ବ୍ରହ୍ମପୁର, ୩୦।୫(ସମିସ)**



- ବ୍ରହ୍ମପୁରରେ କୁଟୀର ଶିଳ୍ପ ପାଲଟିଛି ଗୁଟ୍‌ଖା ପ୍ରସ୍ତୁତି
- କାଗଜକଲମରେ ସୀମିତ କଟକଣା
- କର୍କଟ ରୋଗୀଙ୍କ ସଂଖ୍ୟା ଚିନ୍ତାଜନକ
- ଗୁଟ୍‌ଖା କାରଖାନାଗୁଡ଼ିକୁ ଚିହ୍ନଟ କରି ନିଆଯିବ କାର୍ଯ୍ୟାନୁଷ୍ଠାନ : ଉପଜିଲ୍ଲାପାଳ

ପ୍ରତିବର୍ଷ ମେ' ୩୧ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ଭାବେ ପାଳନ କରାଯାଉଛି। ୧୯୮୭ମସିହା ଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ଏହି ଦିବସ ଭାବେ ଘୋଷଣା କରାଯାଇଛି। ଲୋକଙ୍କୁ ତମାଖୁ ଜନିତ ରୋଗ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଓ ଏହାର କାରବାର ସହିତ ସେବନକୁ ବନ୍ଦ କରିବା ହେଉଛି ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ବିଡି ଓ ସିଗାରେଟ୍‌ର ବ୍ୟବହାର ଦ୍ୱାରା ପରିବେଶ ପ୍ରଦୁଷିତ ହେବା ସହ ତମାଖୁ ସେବନ ଦ୍ୱାରା ବିଭିନ୍ନ ରୋଗରେ ଲୋକେ ଅକାଳ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତମାଖୁ ସେବନର ଭୟାବହତାକୁ ନଜରରେ ରଖି ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀ ଭାବେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଇ କଟକଣା ଜାରି କରାଯାଇଛି। କିନ୍ତୁ ଏହି ନିର୍ଦ୍ଦେଶନାମାକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରାଯାଇପାରୁନି। ସରକାରୀ ଭାବେ ୨୦୧୩ମସିହା ଜାନୁଆରୀ ୨ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ଗୁଟଖା, ତମାଖୁ ଭଳି ନିଶା ଦ୍ରବ୍ୟ ଉତ୍ପାଦନ, ବିକ୍ରି ଓ ବ୍ୟବହାରକୁ ନିଷିଦ୍ଧ କରିବା ନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ଯାହାକୁ ନେଇ କିଛିଦିନ ପାଇଁ ଗୁଟଖା ଓ ଅନ୍ୟାନ୍ୟ ତମାଖୁ ଦ୍ରବ୍ୟର ବିକ୍ରି ଉପରେ ରୋକ ଲାଗିଥିଲା। କଟକଣା ଯୋଗୁଁ ତମାଖୁ ଦ୍ରବ୍ୟର ଚୋରା କାରବାର ଆରମ୍ଭ ହେଲା। କିନ୍ତୁ କିଛିଦିନ ପରେ ନିୟମକୁ ଫୁ କରି ଖୋଲାଖୋଲି ଭାବେ ଗୁଟଖା, ସିଗାରେଟ ଭଳି ନିଷିଦ୍ଧ ସାମଗ୍ରୀ ବିକ୍ରି ଚାଲିଲା। କେବଳ କାଗଜ କଲମରେ ହିଁ ସିମୀତ ରହିଯାଇଛି ଏନେଇ ଜାରି ହୋଇଥିବା ନିର୍ଦ୍ଦେଶନାମା। ତମାଖୁରେ ସବୁଠାରୁ ବିପଜ୍ଜନକ କୁହାଯାଉଥିବା ଗୁଟଖାକୁ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସ୍ତରରେ ଆନ୍ତରିକତାର ଅଭାବ ରହୁଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ଅପରପକ୍ଷରେ ସର୍ବସାଧାରଣ ସ୍ଥାନରେ ଧୂମପାନ, ବିଦ୍ୟାଳୟ ନିକଟରେ ତମାଖୁ ବିକ୍ରି ଓ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ଧୂମପାନ ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। କିନ୍ତୁ ବ୍ରହ୍ମପୁର ସହରରେ ଏହି ଆଇନ ଲାଗୁ ଧର୍ମକୁ ଆଖିଠାର ସଦୃଶ ଭଳି ମନେ ହେଉଛି। ସହରର ବିଭିନ୍ନ ଗଳିକନ୍ଦିରେ ଥିବା ପ୍ରାୟ ସମସ୍ତ ପାନ ଦୋକାନ ଓ ତେଜରାତି ଦୋକାନରେ ବେଧଡକ ଭାବେ ଉଭୟ ଗୁଟଖା ଓ ସିଗାରେଟ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ସେହିପରି ବିଦ୍ୟାଳୟର ୧୦୦ମିଟର ପରିଧି ମଧ୍ୟରେ କୌଣସି ସ୍ଥାନରେ ଗୁଟଖା ବିକ୍ରି ନକରିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲେ ହେଁ ଏହାକୁ କେହି ମାନୁନଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ଅଧିକାରୀ ଯାତାୟତ କରୁଥିଲେ ହେଁ କାହାରି ନଜରରେ ଏହି ଦୃଶ୍ୟ ନପଡ଼ିବା ସମସ୍ତଙ୍କୁ ଚକିତ କରିଛି। ସେହିପରି ତମାଖୁ ବର୍ଜନ ସହିତ ଏହାର ଭୟାବହତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯାଉଛି। କିନ୍ତୁ ତମାଖୁ ବର୍ଜନ ପାଇଁ କେବଳ ସରକାରୀସ୍ତରରେ ସଚେତନତା ସୃଷ୍ଟି ହେଲେ ହେବ ନାହିଁ ବରଂ ଏନେଇ ଜନସାଧାରଣ ନିଜଆଡ଼ୁ ସଚେତନ ହେବା ଜରୁରୀ। ତମାଖୁ ସେବନ ଜରିଆରେ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। କର୍କଟ ରୋଗୀଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧିକୁ ନେଇ ସାଧାରଣରେ ଚିନ୍ତା ପ୍ରକଟ କରାଯାଇଛି। ଅନ୍ୟପକ୍ଷରେ କହିବାକୁ ଗଲେ ଦକ୍ଷିଣଓଡ଼ିଶାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ବ୍ରହ୍ମପୁର ସହରରେ ଏହି ଗୁଟଖା ପ୍ରସ୍ତୁତି ଏକ କୁଟୀର ଶିଳ୍ପରେ ପରିଣତ ହୋଇସାରିଛି। ପୂର୍ବରୁ ବହୁବାର ବିଭିନ୍ନ ଥାନା ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ଗୁଟଖାକୁ ପୁଲିସ ଜବତ କରିଛି। ଏହି ମାମଲାରେ ଅନେକ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରି ଜେଲକୁ ମଧ୍ୟ ପଠାଯାଇଛି। ତଥାପି ସହର ବିଭିନ୍ନ ଥାନା ଅଞ୍ଚଳରେ ଗୁଟଖା ପ୍ରସ୍ତୁତି ଉପରେ ପୁଲିସ ରୋକ ଲଗାଇ ପାରିନାହିଁ। ଅଭିଯୁକ୍ତମାନେ ଜାମିନରେ ଆସି ପୁଣିଥରେ ସେମାନଙ୍କ ଚୋରା କାରବାରରେ ଲିପ୍ତ ରହୁଛନ୍ତି। ସହରର ବଡ଼ବଜାର ଥାନା ନିକଟରେ ଥିବା ପେଟ୍ରୋଲ ପମ୍ପ ନିକଟରେ କିଛି ଅସାଧୁ ବ୍ୟବସାୟୀ ଗୁଟଖା ପ୍ରସ୍ତୁତି ନିମନ୍ତେ ଆବଶ୍ୟକ କଞ୍ଚାମାଲ ପ୍ରସ୍ତୁତି କରୁଥିବା ନଜିର ରହିଛି। ପରେ ସେଗୁଡିକୁ ବିଭିନ୍ନ ଗୁଟଖା ବ୍ୟବସାୟୀଙ୍କୁ ବିକ୍ରି କରାଯାଉଛି। କେବଳ ସହରରେ କାହିଁକି ସହର ବାହାରେ ସହର ଉପକଣ୍ଠରେ ମଧ୍ୟ ବିଭିନ୍ନ ସ୍ଥାନରେ ନକଲି ଗୁଟଖା ପ୍ରସ୍ତୁତ ହେଉଥିବା ନଜିର ରହିଛି। ଏଭଳି ଅସାଧୁ ବ୍ୟବସାୟୀଙ୍କର ସହର ତଥା ସହର ବାହାରେ ବିଭିନ୍ନ ସ୍ଥାନରେ ବେଆଇନ ଗୁଟଖା ପ୍ରସ୍ତୁତି କାରଖାନା ଥିବା ଚର୍ଚ୍ଚା ବେଳେ ଜଣାପଡ଼ିଛି। ପ୍ରସ୍ତୁତ ଗୁଟଖାକୁ ପରବର୍ତ୍ତି ସମୟରେ ଜିଲ୍ଲା ବାହାରକୁ ଏପରିକି ରାଜ୍ୟ ବାହାରକୁ ମଧ୍ୟ ରପ୍ତାନୀ କରାଯାଉଛି। ଏନେଇ ବ୍ରହ୍ମପୁର ଉପଜିଲ୍ଲାପାଳ ଧିନା ଦସ୍ତାଗିରଙ୍କୁ ପଚାରିବାକୁ ସେ କହିଛନ୍ତି, ଏଭଳି ଅଭିଯୋଗକୁ ନେଇ ତଦନ୍ତ କରାଯିବ। ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ଗୁଟଖା କାରଖାନା ଗୁଡ଼ିକୁ ଚିହ୍ନଟ କରାଯାଇ ଏଥିରେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସହର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗୁଟଖା ବିକ୍ରି ହେଉଥିବା ଦୋକାନ ଗୁଡ଼ିକ ଉପରେ ଚଢାଉ କରି ସେଗୁଡିକୁ ଜବତ କରାଯିବ ବୋଲି ସେ କହିଛନ୍ତି। ତେବେ ଏଦିଗରେ କେବଳ ପ୍ରଶାସନିକ ସ୍ତରରେ ନୁହେଁ ବରଂ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ଜରୁରୀ ବୋଲି କହିଛନ୍ତି ଉପ ଜିଲ୍ଲାପାଳ।

## ସଫଳ ହେଲା ଭରତଙ୍କ ସ୍ୱପ୍ନ

# ଟାଙ୍ଗରା ଭୂଇଁ ପାଲଟିଲା ଫଳ ଉଦ୍ୟାନ



**ବ୍ରହ୍ମପୁର, ୩୦।୫(ସମିସ):** ଛତ୍ରପୁର ଅନ୍ତର୍ଗତ ବିପିଲିଙ୍ଗି ଗ୍ରାମର ଚାଷୀ ଭରତ ରେଡ୍ଡୀଙ୍କ ସ୍ୱପ୍ନ ପୂରଣ ହୋଇଛି। ପ୍ରାୟ ଦେଢ଼ ଏକରରୁ ଉର୍ଦ୍ଧ୍ୱ ଜମିରେ ଫଳାଇ ପାରିଛନ୍ତି ସୁନାର ଫସଲ। ଦିନେ ଟାଙ୍ଗରା ହୋଇ ପଡ଼ି ରହିଥିବା ଏହି ଜମିରେ ଏବେ ଦେଖିବାକୁ ମିଳୁଛି ମନଲୋଭା ପିଜୁଳି ଆଉ ଲେମ୍ବୁ ଗଛ। ଏହି ଜମି ଏବେ ଫଳ ଉଦ୍ୟାନରେ ପରିଣତ ହୋଇଛି। ତେବେ ଭରତଙ୍କ ପାଇଁ ଏସବୁ ଏତେ ସହଜ ନଥିଲା। ଜମିରେ କେଉଁ କିସମର ଗଛ ଲଗାଇଲେ ଭଲ ହେବ ଓ ଚାରା କେଉଁଠୁ ଆସିବ ଆଦି ବିଭିନ୍ନ ପ୍ରକାର ଚିନ୍ତା କରୁଥିଲେ ସେ। ତେବେ ଭରତଙ୍କ ପାଇଁ ଏସବୁ ଏତେ ସହଜ ନଥିଲା। ଜମିରେ କେଉଁ କିସମର ଗଛ ଲଗାଇଲେ ଭଲ ହେବ ଓ ଚାରା କେଉଁଠୁ ଆସିବ ଆଦି ବିଭିନ୍ନ ପ୍ରକାର ଚିନ୍ତା କରୁଥିଲେ ସେ। ଆଉ ଠିକ୍ ସେହି ସମୟରେ ସହଯୋଗର ହାତ ବଢ଼ାଇଥିଲା ଟାଟା ଷ୍ଟିଲ ଫାଉଣ୍ଡେସନ। ଉନ୍ନତ କିସମର ପିଜୁଳି ଆଉ ଲେମ୍ବୁ ଚାରା ଯୋଗାଇଦେବା ସହ ଏହାର ଚାଷ ପଦ୍ଧତି ସମ୍ପର୍କରେ ଟିଏସ୍‌ଏଫ୍ ଭରତଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇଥିଲା। ଟିଏସ୍‌ଏଫ୍ ପକ୍ଷରୁ ଭରତଙ୍କୁ ଯୋଗାଇ ଦିଆଯାଇଥିଲା ତାଇୱାନ ପିଙ୍କ୍ କିସମର ପିଜୁଳି ଚାରା ଓ ଜୈବ ଉର୍ବରକ। ପ୍ରତିକୂଳ ଜଳବାୟୁରେ ମଧ୍ୟ ଭଲଭାବେ ବଢୁଥିବା ଏହି ଚାରାର ବିଶେଷତ୍ୱ ହେଲା ଯେ, ଚାରା ରୋପଣର ମାତ୍ର ଏଗାର ମାସରେ ଏହା ପାକଳ ଫଳ ଧରିଥାଏ। ବାସ୍, ଆଉ ତା'ପରେ ଜମିରେ ୧୧୦୦ ପିଜୁଳି ଗଛ ଓ ୧୫୦ଲେମ୍ବୁ ଗଛ ଲଗାଇ ମାତ୍ର ମାସ କେଇଟାରେ ଏହି ଟାଙ୍ଗରା ଭୂଇଁକୁ ଏକ ସୁନ୍ଦର ସବୁଜ ଫଳ ବଗିଚାରେ ପରିଣତ କରିଦେଇଥିଲେ ସେ। ଚଳିତବର୍ଷ ଏହି ବଗିଚାରୁ ତିନି ଶହ କେଜିରୁ ଉର୍ଦ୍ଧ୍ୱ ପିଜୁଳି ଉତ୍ପାଦନ ହୋଇ ସାରିଥିବା ବେଳେ ଆଗାମୀ କିଛିଦିନରେ ଲେମ୍ବୁ ମଧ୍ୟ ତୋଳାଯିବା ପାଇଁ ପ୍ରସ୍ତୁତ ହୋଇଯିବ। ସ୍ଥାନୀୟ ବଜାରରେ ପିଜୁଳି କେଜି ପିଛା ୭୦ଟଙ୍କାରେ ବିକ୍ରିକରି ସେ ଏହି ବର୍ଷ ୨୨, ୦୦୦ ଟଙ୍କା ଆୟ କରିପାରିଛନ୍ତି ବୋଲି କହିଛନ୍ତି ଭରତ।

■ ଯୁବତୀଙ୍କୁ ଦୁଷ୍କର୍ମ ମାମଲା; ୧୦ ବର୍ଷ ପରେ ଆସିଲା ରାୟ

# ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍‌ଦଣ୍ଡ; ୫ ଲକ୍ଷ ଜରିମାନା

**ବ୍ରହ୍ମପୁର,୩୦।୫(ସମିସ):** ୨୦୧୪ ମସିହାରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ଗୁରୁବାର ପ୍ରକାଶ ପାଇଛି । ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ତୃତୀୟ) ରାଜ କୁମାର ଦାଶଙ୍କ କୋର୍ଟରେ ଏହି ରାୟ ପ୍ରକାଶ ପାଇଛି । ଏହି ମାମଲାରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲଦଣ୍ଡ ସହ ୫ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ଅଧିକ ଦୁଇବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର ରମେଶ ଚନ୍ଦ୍ର ଚୌଧୁରୀ । ଏଥି ସହିତ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୧୪ ମସିହା ଅଗଷ୍ଟ ୧୧ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ଯୁବତୀ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ରମେଶ ତାଙ୍କ ଘରେ ପଶି ଦୁଷ୍କର୍ମ କରିଥିଲେ । ପରବର୍ତ୍ତୀ ସମୟରେ ଯୁବତୀ ଜଣକ ଗର୍ଭବତୀ ହୋଇଯାଇଥିଲେ । ୪ ମାସର ଗର୍ଭବତୀ ହେବା ଖବର ପରିବାର ଲୋକେ ଜାଣିବା ପରେ ଗୋଳନ୍ଥରା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ରମେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ୨୦୧୬ ମସିହାରେ ଅଭିଯୁକ୍ତ ଜାମିନ ବଳରେ ଜେଲରୁ ମୁକୁଳିଥିଲେ । ଜାମିନରେ ଆସି ପରେ ବିଚାରଣା ବେଳେ ରମେଶ କୋର୍ଟରେ ଆଉ ହାଜର ହୋଇନଥିଲେ । ଯାହାଫଳରେ ତାଙ୍କ ବିରୋଧରେ କୋର୍ଟ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା । ୨୦୨୨ ମସିହା ଡିସେମ୍ବର ୨୩ ତାରିଖରେ ରମେଶଙ୍କୁ ପୁଲିସ ୱାରେଣ୍ଟ ବଳରେ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ମାମଲାରେ ୧୫ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ । ଗୁରୁବାର ରାୟ ପ୍ରକାଶବେଳେ ଜେଲରୁ ଅଭିଯୁକ୍ତ ରମେଶଙ୍କୁ କଡ଼ା ସୁରକ୍ଷାରେ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଆଧାରରେ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ମକଦ୍ଦମା ପରିଚାଳନା କରିଥିଲେ ।

# ଖଜୁରୀପଡ଼ାରେ ତାଣ୍ଡବ ରଚିଲା କାଳବୈଶାଖୀ



**ଖଜୁରୀପଡ଼ା, ୩୦।୫(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଅଞ୍ଚଳରେ ତାଣ୍ଡବ ରଚିଲା କାଳବୈଶାଖୀ । ପ୍ରବଳ ପବନ ସାଙ୍ଗକୁ ବର୍ଷା ଏବଂ ବଜ୍ରପାତ ହୋଇଥିଲା । ଅରାପାଜୁ ଗ୍ରାମରେ ପବନ ବୋହିବା ସମୟରେ ଗାଈଗୋରୁ, ଛେଳି ଏଣେ ତେଣେ ଦୌଡ଼ି ପଳାଇବା ବେଳେ ଛେଳିଟିଏ ଏକ ପରିତ୍ୟକ୍ତ କୂଅରେ ପଡିଯାଇଥିଲା । ପବନରେ ଭାଲିଆପଡ଼ାସ୍ଥିତ ଗୁଡ଼ିସାହି ରୁଦୁନା ଦିଗାଲଙ୍କ ଘର ଉପରେ ଏକ ଖଜୁରୀ ଗଛ ପଡ଼ିବାରୁ ଘର ଭାଙ୍ଗି ଯାଇଛି । ଦରଡ଼ା ଗ୍ରାମ ନାୟକ ସାହିରେ ଥିବା ଏକ ନଡ଼ିଆ ଗଛ ଉପରେ ବଜ୍ରଘାତ ହେବାରୁ ହୁ ହୁ ହୋଇ ଜଳି ଯାଇଥିଲା । ଆଉ ନିଆଁ ଏଣେ ତେଣେ ପଡି ବିପଦର ବାତାବରଣ ସୃଷ୍ଟି କରିଥିଲା । ସ୍ଥାନୀୟ ଯୁବକଙ୍କ ଦ୍ୱାରା ଖବର ପାଇ ମା' ସୁରାଦେଇ ସେବା ସଂଘ ସଭାପତି ବିକାଶ କୁମାର ଦିଗାଲ ଖଜୁରୀପଡ଼ା ଦମକଳ ବାହିନୀକୁ ଯୋଗାଯୋଗ କରିଥିଲେ । ଖଜୁରୀପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ଧନ ଜୀବନ ବଞ୍ଚାଇବାରେ ସହାୟତା କରିଥିଲେ ।

## ଭଞ୍ଜନଗର ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ଭଞ୍ଜନଗର,୩୦।୫(ସମିସ):** ଶାନ୍ତିଶୃଙ୍ଖଳା ବଜାୟ ରଖିବା ଓ ନିର୍ବାଚନ ପରବର୍ତ୍ତୀ ହିଂସାକୁ ରୋକିବା ପାଇଁ ଭଞ୍ଜନଗର ପୁଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଗୁରୁବାର ଅପରାହ୍ନରେ ଏସଡିପିଓ ସୁଜିତ କୁମାର ନାୟକଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ଏହି ଫ୍ଲାଗମାର୍ଚ୍ଚ ଭଞ୍ଜନଗର ସହର ସମେତ ବାଉଁଶ ଲୁଣ୍ଠି ଓ ଲାଲସିଙ୍ଗ ପଞ୍ଚାୟତରେ ମଧ୍ୟ ହୋଇଥିଲା । ପୂର୍ବରୁ ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଗତ ୨୯ତାରିଖଠାରୁ ଆସନ୍ତା ମାସ ୬ ତାରିଖ ପର୍ଯ୍ୟନ୍ତ ରାତି ସାଢ଼େ ଆଠଟାରୁ ସକାଳ ୯ଟା ପର୍ଯ୍ୟନ୍ତ ସମସ୍ତ ଢାବା, ହୋଟେଲ, ଚାହା, ଜଳଖିଆ ଦୋକାନ ଆଦି ବନ୍ଦ ରଖିବା ପାଇଁ ପୋଲିସ ପକ୍ଷରୁ ସତର୍କ କରାଯାଇଛି । ତେଣୁ ପୋଲିସ ସମସ୍ତ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଲଗାତାର ଭାବେ ଫ୍ଲାଗମାର୍ଚ୍ଚ କରି ଜନସାଧାରଣଙ୍କୁ ସଚେତନ କରିଆସୁଛି । ଏଥିରେ ଭଞ୍ଜନଗର ଥାନା ଅଧିକାରୀ କୁମାର ମୁଦୁଲିଙ୍କ ସମେତ ଅନ୍ୟ ଅଧିକାରୀ ଓ ପୁଲିସ କର୍ମଚାରୀମାନେ ସାମିଲ ହୋଇଥିଲେ ।

## ଗଜପତି ଜିଲ୍ଲାରେ କଲବଲ କରୁଛି ଗ୍ରୀଷ୍ମ ପ୍ରବାହ

**ପାରଳାଖେମୁଣ୍ଡି,୩୦।୫(ସମିସ):** ଗଜପତି ଜିଲ୍ଲାରେ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ କଲବଲ କରୁଛି । ପୁରପଲ୍ଲୀ ଠାରୁ ସହରାଞ୍ଚଳରେ ଏକା ପରିସ୍ଥିତି ସୃଷ୍ଟି ହୋଇଛି । ପାରା ୪୦ରୁ ଉପରେ ରହୁଛି । ପାରା ମଙ୍ଗଳବାର ୪୪, ବୁଧବାର ୪୩ ଏବଂ ଗୁରୁବାର ୪୧ରୁ ଉଦ୍ଧର୍ ରହିଥିବା ଜଣାପଡିଛି । ଏଥିଯୋଗୁଁ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇପଡିଛି । ଲୋକେ ଖରାଦାଉରୁ ରକ୍ଷା



ପାଇବା ପାଇଁ ବିଭିନ୍ନ ପନ୍ଥା ଅବଲମ୍ବନ କରୁଥିବା ବେଳେ ଜରୁରୀ କାମରେ ବାହାରକୁ ଯାଉଥିବା ଲୋକେ ଛତା, ଟୋପି ବ୍ୟବହାର କରୁଥିବା ଦେଖାଯାଇଛି । ପୂର୍ବରୁ ଏପରି ଗ୍ରୀଷ୍ମ ପ୍ରବାହ ହୋଇ ନ ଥିବା କୁହାଯାଇଛି । ସନ୍ଧ୍ୟା ହେଲେ ସାମାନ୍ୟ ଉତ୍ତାପ ହ୍ରାସ ପାଉଥିଲେ ମଧ୍ୟ ଗରମ ପବନ ବୋହୁଛି । ରାତିରେ ମଧ୍ୟ ଘର ଉତ୍ତପ୍ତ ରହୁଥିବାରୁ ଲୋକଙ୍କ ନିଦ ହଜିଯାଇଛି । ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଯାହା ପାଖରେ ରହିଛି ସେମାନେ ଅଳ୍ପକେ ଉତ୍ତାପରୁ ରକ୍ଷା ପାଉଛନ୍ତି । ହେଲେ ଲୋଭୋଲଟେଜ୍ ଯୋଗୁଁ ଏହା ମଧ୍ୟ ବେଳେ ବେଳେ କାମ କରୁ ନ ଥିବାର ଜଣାପଡିଛି । ଅନ୍ୟପକ୍ଷରେ ଜିଲ୍ଲାରେ ଅଭାବୀ ବର୍ଷା, ବିଭିନ୍ନ ଜଳାଶୟ ଶୁଷ୍କ ହୋଇପଡିଥିବା ହୋଇପଡିଥିବାରୁ ବନ୍ୟଜନ୍ତୁ, ପଶୁପକ୍ଷୀ ଏବଂ ଗାଈଗୋରୁଙ୍କୁ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଶୋ' ରୁମ୍ ଖୋଲିବା ଆଳରେ ୧୮ .୪୧ ଲକ୍ଷ ଠକେଇ

**ବ୍ରହ୍ମପୁର,୩୦।୫(ସମିସ):** ସହରର ଜଣେ ବ୍ୟକ୍ତିଙ୍କଠାରୁ ରୟାଲ ଏନଫିଲ୍ଡ କମ୍ପାନୀର ଶୋ'ରୁମ ଖୋଲିବା ଆଳରେ ୧୮ ଲକ୍ଷ ୪୧ ହଜାର ଟଙ୍କା ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଗାନ୍ଧୀନଗର ପ୍ରଥମ ଲାଇନ ନିବାସୀ ବିରଜା ପ୍ରସାଦ ପାତ୍ର ସ୍ଥାନୀୟ ଅନ୍ଧପସରା ରୋଡ ଠାରେ ରୟାଲ ଏନଫିଲ୍ଡ କମ୍ପାନୀର ଏକ ଶୋ'ରୁମ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ସେହିକ୍ରମରେ ସେ ନିଜପୁଅ ନିଖିଲ ପାତ୍ରକୁ କମ୍ପାନୀ ସହ ଯୋଗାଯୋଗ କରିବାକୁ କହିଥିଲେ । ନିଖିଲ ଗୁଗଲରୁ ରୟାଲ ଏନଫିଲ୍ଡ କମ୍ପାନୀର ନମ୍ବର ଖୋଜି ମନୋଜ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତିଙ୍କ ମୋବାଇଲ ନମ୍ବର ପାଇଥିଲେ । ମୋନଜ ଅଗ୍ରୱାଲଙ୍କ ସହ ଯୋଗାଯୋଗ କରିବା ପରେ ସେ ନିଜକୁ ରୟାଲ ଏନଫିଲ୍ଡ କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ବୋଲି ପରିଚୟ ଦେବା ସହ ସେ କମ୍ପାନୀ ପକ୍ଷରୁ ସେଲ୍ସ ଏବଂ ମାର୍କେଟିଂ ବିଭାଗ ଦେଖୁଥିବା ଦର୍ଶାଇଥିଲେ । ସେହିକ୍ରମରେ ଅଭିଯୋଗକାରୀ ଆବେଦନ ପତ୍ର ପୂରଣ କରି ମନୋଜଙ୍କ ନିକଟକୁ ପଠାଇବା ପରେ ମନୋଜ କମ୍ପାନୀ ପକ୍ଷରୁ ଏକ ଲେଟର ଦେଇଥିଲେ । ଏବଂ ପଞ୍ଜିକରଣ ଫି' ବାବଦରେ ୨ଲକ୍ଷ ୫୧ହଜାର ଟଙ୍କା ଜମା କରିବାକୁ କହିଥିଲେ । ଟଙ୍କା ଜମା କରିବା ପାଇଁ ରୟାଲ ଏନଫିଲ୍ଡ କମ୍ପାନୀ ନାମରେ ଥିବା ଏକ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଦେଇଥିଲେ । ବ୍ରହ୍ମପୁରର ଆବେଦନକାରୀ ଜଣକ ସେହି ଅକାଉଣ୍ଟରେ ୨ଲକ୍ଷ ୫୧ହଜାର ଟଙ୍କା ଜମା କରିଥିଲେ । ଏହାପରେ ମନୋଜ ଅଗ୍ରୱାଲ ଡିଲରସିପ ବାବଦକୁ ୧୦ଲକ୍ଷ ଟଙ୍କା ଜମା କରିବାକୁ ଆବେଦନକାରୀଙ୍କୁ କହିଥିଲେ । ମନୋଜ ଅଗ୍ରୱାଲଙ୍କ କହିବା ପ୍ରକାରେ ଆବେଦନକାରୀ ପୂର୍ବରୁ ପାଇଥିବା ବ୍ୟାଙ୍କ ଆକାଉଣ୍ଟରେ ୧୦ଲକ୍ଷ ଟଙ୍କା ଜମା କରିଥିଲେ । ଏହାପରେ ଲାଇସେନ୍ସ ଫି' ବାବଦକୁ ପୁଣି ୫ଲକ୍ଷ ୯୦ହଜାର ଟଙ୍କା ଜମା କରିବାକୁ ଆବେଦନକାରୀଙ୍କୁ ମନୋଜ କହିଥିଲେ । ଉକ୍ତ ଟଙ୍କା ମଧ୍ୟ ଆବେଦନକାରୀଙ୍କ ପକ୍ଷରୁ ଜମା କରାଯାଇଥିଲା । ସେହିକ୍ରମରେ ୩ଟି ପର୍ଯ୍ୟାୟରେ ଆବେଦନକାରୀ ଜଣକ ମୋଟ ୧୮ଲକ୍ଷ ୪୧ହଜାର ଟଙ୍କା ଜମା କରିଥିଲେ । ତେବେ ଟଙ୍କା ଜମା କରିବାର ଦିର୍ଘ ଦିନ ପରେ ମଧ୍ୟ ଶୋ'ରୁମ ଖୋଲିବା ସମ୍ପର୍କରେ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା । ଫଳରେ ଆବେଦନକାରୀଙ୍କ ସନ୍ଦେହ ଉପୁଜିଥିଲା । ସେ କମ୍ପାନୀର ଇ-ମେଲ ଆକାଉଣ୍ଟ ବାହାର କରି କମ୍ପାନୀକୁ ଘଟଣା ସମ୍ପର୍କରେ ଏକ ଚିଠି ଲେଖିଥିଲେ । କମ୍ପାନୀ ପକ୍ଷରୁ ଉକ୍ତ ଇ-ମେଲର ଜବାବ ଦିଆଯିବା ସହ ଆବେଦନକାରୀ ଯେଉଁ ସବୁ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଛନ୍ତି ସେହି ବ୍ୟାଙ୍କ ଆକାଉଣ୍ଟ କମ୍ପାନୀର ନୁହଁ ବୋଲି ଉତ୍ତର ମିଳିଥିଲା । ଏହାପରେ ଆବେଦନକାରୀଙ୍କୁ ମନୋଜ ଦେଇଥିବା ବ୍ୟାଙ୍କ ଆକାଉଣ୍ଟ ନକଲି ବୋଲି ଜାଣିପାରିଥିଲେ । ସେ ଯେଉଁ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକରେ ଟଙ୍କା ଜମା କରିଥିଲେ ସେଗୁଡ଼ିକ ଚେନାଇର ସାଗର କୁମାର, ସୌରଭ କୁମାର ଓ ଭିକି କୁମାର ନାମକ ୩ଜଣ ବ୍ୟକ୍ତିଙ୍କ ନାମରେ ଥିବା ଆବେଦନକାରୀ ଜାଣିବାକୁ ପାଇଥିଲେ । ଠକେଇର ଶିକାର ହୋଇଥିବା ଜାଣିପାରି ସେ ଏନେଇ ଗତ ୨୮ତାରିଖରେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ପୁଲିସ ଘଟଣାର ତଦନ୍ତ ଚଳାଇଛି ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଗଞ୍ଜେଇ ଜବତ

**ଦିଗପହଣ୍ଡି,୩୦।୫(ସମିସ):** ଦିଗପହଣ୍ଡି ଥାନା ମୌଳାଭଞ୍ଜା-ଅଁଳାଗୁଡା ଗ୍ରାମ ଛକ ରାସ୍ତାରୁ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଦିଗପହଣ୍ଡି ପୁଲିସ ଏକ ଦୁର୍ଘଟଣାଗସ୍ତ ଗଞ୍ଜେଇ ବୋଝେଇ ପିକଅପ ଭ୍ୟାନ ଜବତ କରିଥିବା ଜଣାପଡିଛି । ଘଟଣାସ୍ଥଳରୁ ଚାଳକ ଫେରାର ରହିଥିବା ବେଳେ ଆଇଆଇସି ବାବା ଶଙ୍କର ସରାଫ, ଏସ.ଆଇ ସୋଫିଆ ମିଶ୍ର ସଦଳବଳେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିବା ଜଣାପଡ଼ିଛି । ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ପୁଲିସ ଖବର ପାଇଥିଲା ଯେ, ଏକ ଗଞ୍ଜେଇ ବୋଝେଇ ପିକଆପ ଭ୍ୟାନନଂ. ( ଓ ଆର୍ ୦୭ ୱାଇ ୦୮୮୫) ଦୁର୍ଘଟଣାଗସ୍ତ ହୋଇ ରାସ୍ତା କଡ଼କୁ ଓଲଟି ପଡିଥିଲା । ଥାନା ଆଇଆଇସିଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀମାନେ ପହଞ୍ଚି ଘଟଣାର ଅନୁସନ୍ଧାନ କରିଥିଲେ । ପରେ ଉକ୍ତ ଦୁର୍ଘଟଣାଗସ୍ତ ଭ୍ୟାନରୁ ୧୦ଟି ଜରି ବସ୍ତାରେ ବେଆଇନ ଭାବେ ଚାଲାଣ କରାଯାଉଥିବା ଗଞ୍ଜେଇ ଜବତ କରାଯାଇଥିଲା । ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ଜେନାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବା ପରେ ସେଥିରେ ସମୁଦାୟ ୨୪୦ କେଜି ଗଞ୍ଜେଇ ଥିବା ଜଣାପଡିଥିଲା । ଏନେଇ ଦିଗପହଣ୍ଡି ଥାନା ମାମଲା ନଂ. ୨୩୪/୨୪ ପ୍ରକାରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଦୁର୍ଘଟଣାଗସ୍ତ ଗଞ୍ଜେଇ ବୋଝେଇ ଗାଡିଟି କାହାର, ଗଞ୍ଜେଇ ଚୋରାଚାଲାଣ କେଉଁଠାକୁ କରାଯାଉଥିଲା ସେ ନେଇ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି କହିଛନ୍ତି ।

## ୨ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ

**ବ୍ରହ୍ମପୁର,୩୦।୫(ସମିସ):** ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ୨ଜଣ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ(ତୃତୀୟ) ରାଜ କୁମାର ଦାଶଙ୍କ କୋର୍ଟରେ ଏହି ମାମଲାର ରାୟ ପ୍ରକାଶ ପାଇଛି । ଉଭୟ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ସହିତ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ କୋର୍ଟ ରାୟରେ ପ୍ରକାଶ କରିଛନ୍ତି । ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଦ୍ୱୟ ହେଲେ ଉତ୍ତରପ୍ରଦେଶ ଦେହତକୋଟଲି ଥାନା ସବଜପୁର ଗ୍ରାମର ଭି.ରାମଗିରି(୩୪) ଓ ସଂଜୀବ କୁମାର (୩୪) । ସୂଚନାଯୋଗ୍ୟ ଯେ, ୨୦୨୩ମସିହା ଜୁନ ୩୦ତାରିଖରେ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥରେ ଯାନବାହନ ଯାଞ୍ଚ କରୁଥିବା ବେଳେ ଗୋଟିଏ ଟ୍ରକ୍ (ଏଚ୍‌ଆର୍ ୬୭-୯୨୦୦)କୁ ଅଟକାଇ ଯାଞ୍ଚ କରିଥିଲା ଅବକାରୀ ଗୁଇନ୍ଦା ବିଭାଗ । ସେଥିରୁ ୪୪୦କିଲୋ ଗଞ୍ଜେଇ ଜବତ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଗିରଫ ପରଠୁ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଅଛନ୍ତି । ଗୁରୁବାର ଉକ୍ତ ମାମଲାର ରାୟ ପ୍ରକାଶ ବେଳେ ଉଭୟ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା । ୩ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ମକଦ୍ଦମା ପରିଚାଳନା କରୁଥିଲେ ।

# କେରଳରୁ ଆସିଲା ଶ୍ରମିକଙ୍କ ମୃତଦେହ




**ବାଲିଗୁଡ଼ା,୩୦।୫(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକରେ କେରଳରୁ ଆସି ପହଞ୍ଚିଲା ମୃତଦେହ । ସୂଚନା ଅନୁସାରେ ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ବିଲାମାଳ ଗାଁର ରଞ୍ଜିତ ବିଜୁଳିସେଟ୍ ପରିବାର ପ୍ରତିପୋଷଣ ଉଦ୍ଦେଶ୍ୟରେ କେରଳର ଏର୍ଣ୍ଣାକୁଲମ୍‌ରେ ଦୁଇ ବର୍ଷ ହେବ ଦିନମଜୁରିଆ ଭାବେ ଗୋଟିଏ କମ୍ପାନୀରେ କାମ କରୁଥିଲେ । ହେଲେ କିଛି ଦିନ ହେବ ଦେହଖରାପ ଥିବାରୁ ସେଠାରେ ଚିକିତ୍ସିତ ହେଉଥିଲେ । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ସହ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ରଞ୍ଜିତଙ୍କ ପରିବାର ଓ ସମ୍ପର୍କୀୟ ପକ୍ଷରୁ କେରଳରୁ ଓଡ଼ିଶାର ନିଜ ଗାଁକୁ ମୃତଦେ ଆଣିବା ସମ୍ଭବପର ନଥିଲା । ହେଲେ ପରିବାର ପକ୍ଷରୁ ତୁମୁଡ଼ିବନ୍ଧ ବ୍ଲକ ବିଜୁ ଜନତା ଦଳର ବ୍ଲକ୍ ସଭାପତିଙ୍କୁ ଯୋଗାଯୋଗ କରିଥିଲେ । ତୁମୁଡ଼ିବନ୍ଧ ବ୍ଲକ ସଭାପତି ପ୍ରମୋଦ ସାହୁ , ବାଲିଗୁଡ଼ା ବ୍ଲକ ସଭାପତି ତଥା ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ସଂଯୋଜକ ଟୁନା ଦାସ୍, ବିଧାୟକ ଚକ୍ରମଣି କହଁର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସହିତ ଯୋଗାଯୋଗ କରିବା ପରେ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିଥିଲେ । ଆମ୍ବୁଲାନ୍ସ ଯୋଗେ ମୃତଦେହ ଗୁରୁବାର କେରଳରୁ ଓଡ଼ିଶାର କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ବିଲାମାଳ ନିଜ ଗାଁକୁ ମୃତଦେହ ଅଣାଯାଇଛି ।

● ନିର୍ବାଚନୀ ହିଂସାକୁ ଏଡ଼ାଇବାକୁ ବ୍ରହ୍ମପୁର ପୁଲିସ ପକ୍ଷରୁ ତତ୍ପରତା

## ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ରାତି ୯ଟା ପରେ ବନ୍ଦ ରହିବ ସମସ୍ତ ମଦ ଦୋକାନ

**ବ୍ରହ୍ମପୁର,୩୦।୫(ସମିସ):** ନିର୍ବାଚନୀ ପରବର୍ତ୍ତି ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ନିଆଯାଇଛି ଆଗୁଆ ପଦକ୍ଷେପ । ବ୍ରହ୍ମପୁର ପୁଲିସ ଜିଲ୍ଲାରେ ରାତି ୯ଟା ପରେ ସମସ୍ତ ମଦ ଦୋକାନକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି । ଗୁରୁବାର ଠାରୁ ଆସନ୍ତା ଜୁନ ୬ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ଜଣାପଡିଛି । ଏଥିରେ ଖିଲାପ କଲେ ସମ୍ପୃକ୍ତ ମଦ ଦୋକାନ ବିରୁଦ୍ଧରେ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ନିର୍ବାଚନ ସରିବା ପରେ କିଛି ସ୍ଥାନରେ ଗଣ୍ଡଗୋଳ ଓ ହତ୍ୟା ଭଳି ଅପରାଧିକ ଘଟଣା ଦେଖାଦେଇଥିବାରୁ ଏହାକୁ ଏଡାଇବାକୁ ଯାଇ ବ୍ରହ୍ମପୁର ପୁଲିସ ଜିଲ୍ଲା ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି ।

# ଅନ୍ତିମ ଦିନରେ ପ୍ରବଳ ଜନସମାଗମ

**ରମ୍ଭା,୩୦।୫(ସମିସ):** ରମ୍ଭା ଚନ୍ଦନ ଯାତ୍ରା ଅନ୍ତିମ ତଥା ସପ୍ତମ ଦିନରେ ଭଉଁରି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଭୁ ମଦନ ମୋହନ ଓ ଚନ୍ଦ୍ର ଶେଖରଙ୍କୁ ପାରମ୍ପରିକ ସହକାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପାଲିଙ୍କିରେ କାନ୍ଧେଇ ପୋଖରୀକୁ ବାଜା, ମୃଦଙ୍ଗ, ଘଣ୍ଟ କାହାଳି ଦ୍ୱାରା ଅଣାଯାଇ ଶ୍ରୀଜୀଉଙ୍କୁ ଚନ୍ଦନ ପୋଖରୀରେ ୨୧ ଥର ଚାପ ଖେଳ ହେଇ ପରିସମାପ୍ତି ଘଟିଥିଲା । ସ୍ନାନ ଯାତ୍ରା ଦେଖିବା

**ରମ୍ଭା ଚନ୍ଦନ ଯାତ୍ରା**

ପାଇଁ ସଂଖ୍ୟାଧିକ ଦର୍ଶକଙ୍କ ଭିଡ ଜମିଥିଲା । ସାଇ ବସ୍ତି ପରିଭ୍ରମଣ ସମୟରେ ଶ୍ରୀ ଜିଉଁକୁ ପୂଜା ସାମଗ୍ରୀ ବଢାଯାଇ ପୂଜାର୍ଚ୍ଚନା ସାଙ୍ଗକୁ ହୁଳହୁଳି ସହର କମ୍ପି ଉଠୁଥିଲା । ଆୟୋଜିତ ଯାତ୍ରା ଅବସରରେ ରାଜରାସ୍ତା ପାର୍ଶ୍ୱରେ



ଉଠା ଦୋକାନୀ ରଙ୍ଗ ବେରଙ୍ଗ ଆଲୋକ ସଜା, ବହୁ ଉଚ୍ଚତା ସମ୍ପନ୍ନ ମେଢ଼ ନିର୍ମାଣ ହୋଇଥିଲା । ଏତଦ ବ୍ୟତୀତ ସାହି ବସ୍ତି ମୁହଁ, ସ୍ୱର୍ଣ୍ଣକାରର ଜାଗା ପାର୍ଶ୍ୱରେ ବାରମାସୀ ଦଣ୍ଡ, ଭାରତଲୀଳା, ଘୁଡୁକି, ଅପେରା, ଗୋଟି ପୁଅ ନାଚ ଅନୁଷ୍ଠିତ ହୋଇଥିଲା । ଏହା ସାଙ୍ଗକୁ ଠାକୁର ପହଣ୍ଡି ସମୟରେ ମାନସିକ ବେଶଧାରୀ ହନୁମାନ, ରାଧାକୃଷ୍ଣ ମୂର୍ତ୍ତି, ଦୁର୍ଗା ସମେତ ଶ୍ରଦ୍ଧାଳୁ ତଥା ଦର୍ଶକଙ୍କ ଦୃଷ୍ଟି ନିବିଦ୍ଧ ରହିଥିବା ଲକ୍ଷ୍ୟ କରାଯାଇଥିଲା । ସହର ଉପକଣ୍ଠରେ ମିନା ବଜାର, ରାମ ଦୋଳି ହରେକ ମାଲ, ମନୋହର ସାମଗ୍ରୀ ବିଶେଷ କରି ଶିଶୁମାନଙ୍କ ଅନାବଶ୍ୟକ ସାମଗ୍ରୀ କିଣିବା ପାଇଁ ଅଝଟ ଲାଗି ରହିଥିଲା । ଖରାକୁ ଦେଖି ଗ୍ରାମାଞ୍ଚଳ ଦର୍ଶକଙ୍କ ସନ୍ଧ୍ୟା ଓ ରାତ୍ର ସମୟରେ ହୋଇଥିଲା ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଆହତ

**ଗଞ୍ଜାମ,୩୦।୫(ସମିସ):** ରମ୍ଭା ଥାନା ହୁମ୍ମା ଫାଣ୍ଡି ଅନ୍ତର୍ଗତ ଦକ୍ଷିଙ୍ଗ ନିକଟରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ଦୁଇ ବାଇକ ଚାଳକ ଆହତ ହୋଇଛନ୍ତି । ଖବର ପାଇ ହୁମ୍ମା ଫାଣ୍ଡି ଅଧିକାରୀ ବିମଳ କହଁର ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ମେଡିକାଲ ପଠେଇବା ବ୍ୟବସ୍ଥା କରିଥିଲେ । ତେବେ ଦୁର୍ଘଟଣାଗ୍ରସ୍ତ ଗୋଟିଏ ବାଇକରେ ମଦ ଥିବା ସମସ୍ତଙ୍କୁ ଆଚମ୍ବିତ କରିଥିଲା । ପୁଲିସ ଦୁଇ ବାଇକ ସମେତ ମଦ ଜବତ କରିଛି । ଦୁଇ ବାଇକ ଚାଳକଙ୍କ ପରିଚୟ ଜଣାପଡିନଥିବା କୁହାଯାଇଛି ।



## ଗୋ-ଚାଲାଣ ଗାଡ଼ି ଜବତ




**ଧରାକୋଟ,୩୦।୫(ସମିସ):** ଧରାକୋଟ ଥାନା ଅଧୀନରେ ପୁଲିସ ତରଫରୁ ବେଆଇନ, ଗୋ-ଚାଲାଣ, ଅବାଧ ମଦ ବିକ୍ରି ସହ ଅଞ୍ଚଳରେ ହିଂସା ସୃଷ୍ଟି କରୁଥିବା ପୁରାତନ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରାଯିବା ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ବୁଧବାର ସକାଳେ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ଶୁଭଲକ୍ଷ୍ମୀ କହଁର ଏକ ବୋଲେରୋରେ ଭଣ୍ଡାରିବସାରୁ ଦିଗପହଣ୍ଡି ଚାଲାଣ ହେଉଥିବାବେଳେ ୮ଟି ବଳଦ ଓ ୬ଟି ଗାଇକୁ ଜବତ କରି ଅନୁସନ୍ଧାନ ପରେ ସୁରଭି ଗୋଧାମ ଚେରିଟେବୁଲ ସଂସ୍ଥା ସୋରଡ଼ାକୁ ହସ୍ତାନ୍ତର କରିଛନ୍ତି। ଏହି ମାମଲାରେ ପୁଲିସ କେସନଂ ୧୮୧/୨୪ ପ୍ରକାରେ ମାମଲା ରୁଜୁ ହୋଇ ଗାଡ଼ିର ଡ୍ରାଇଭର କେଞ୍ଚୁ ନାୟକ ଓ ହେଲ୍ପର ଶକ୍ତି ନାୟକକୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାଯାଇଛି। ସେହିପରି ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଥାନା ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ଚଢ଼ଉବେଳେ ଗୋଲା ଦାମୋଦରପଲ୍ଲୀ ଅଞ୍ଚଳରୁ ଏଥି ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରି ୧୮୨/୨୪ ପ୍ରକାରେ ମାମଲା ରୁଜୁ କରିବା ସହ ସେମାନଙ୍କ ନିକଟରୁ ବିଦେଶୀ ମଦ ଜବତ କରାଯାଇଥିବା ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ସୂଚନା ଦେଇଛନ୍ତି।

## ଅଟୋ-ଡାଲା ଅଟୋ ଧକ୍କା; ୩ ଆହତ

**ଖଲ୍ଲିକୋଟ,୩୦।୫(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କଞ୍ଚଣା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଅଟୋ ସହ ଡାଲା ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ହୋଇଛି। ଗୁରୁବାର ସନ୍ଧ୍ୟା ସାଢ଼େ ୫ଟାବେଳେ କଞ୍ଚଣା ଛକ ନିକଟରେ ଏକ ଯାତ୍ରୀବାହୀ ଅଟୋ ସହ ଗୋଟିଏ ଡାଲା ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଯାତ୍ରୀବାହୀ ଅଟୋରେ ଥିବା ରାଣିପଡ଼ା ଗ୍ରାମର ଜିତେନ୍ଦ୍ର କରଣ, ପୁସ୍ତପୁର ଗ୍ରାମର ସୂର୍ଯ୍ୟକାନ୍ତ ଗୌଡ଼ ଓ ଗୀତାଞ୍ଜଳି ସାହୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଗୀତାଞ୍ଜଳିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଜିତେନ୍ଦ୍ର ଓ ସୂର୍ଯ୍ୟକାନ୍ତ ଗୌଡ଼ ଖଲ୍ଲିକୋଟ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

## ପୂର୍ବତନ ୱାର୍ଡ ମେମ୍ବରଙ୍କ ପରଲୋକ

**ବେଲଗୁଣ୍ଠା,୩୦।୫(ସମିସ):** ଗାଙ୍ଗପୁର ଥାନା ମୁନିଗାଡି ପଞ୍ଚାୟତ ଅନ୍ତର୍ଗତ ବନ୍ଥପଲ୍ଲୀ ଗ୍ରାମର ପୂର୍ବତନ ୱାର୍ଡମେମ୍ବର ସୁଶାନ୍ତ କୁମାର ସାବତଙ୍କର ଗୁରୁବାର ୬୨ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛି ଦିନ ହେବ ସ୍ୱାସ୍ଥ୍ୟଗତ କାରଣରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ଗୁରୁବାର ବନ୍ଥପଲ୍ଲୀସ୍ଥିତ ନିଜ ବାସଭବନରେ ଦେହତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଲକ୍ଷ୍ମୀ, ପୁଅ ପଞ୍ଚାନନ, ବଡ଼ଭାଇ ଗୋବିନ୍ଦ, ମଝିଆ ଭାଇ ପ୍ରଶାନ୍ତ, ସାନ ଭାଇ ବସନ୍ତ, ଚାରି ବୋହୂ ବିଚକ୍ଷଣା, ରିନା, ସନ୍ତୋଷିନୀ, ଅଳକା, ଅନିତା, ସନ୍ଧ୍ୟା, ପ୍ରଫୁଲ୍ଲ, ଭଞ୍ଜନି, ରାନୁ, ବିଜୟ, କୃଷ୍ଣ, ନାରାୟଣ, ଜୟ, କାହ୍ନୁ ଦଳବେହେରା, ବଂଶୀଧର ଗୌଡ଼, ବାଳକୃଷ୍ଣ ସାବତ, ସରୋଜ ସାବତ, ବିରୋଜ ସାବତ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

● ଗଞ୍ଜାମ ପୁଲିସର ଅପରାଧ ଦମନ ଅଭିଯାନ

## ବନ୍ଧାହେଲେ ୧୨ ଅପରାଧୀ

**ଛତ୍ରପୁର,୩୦।୫(ସମିସ):** ଆଗକୁ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ହେବାକୁ ଥିବାବେଳେ ବିଭିନ୍ନ ସ୍ଥାନରେ ଅପରାଧ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଗଞ୍ଜାମ ଏସ୍‌ପି ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ପେଶାଦାର ଅପରାଧୀ ମାନଙ୍କୁ ଗିରଫ କରୁଛି। ଏହି କ୍ରମରେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା, ହତ୍ୟା ଉଦ୍ୟମ ଭଳି ବିଭିନ୍ନ ମାମଲାରେ ସମ୍ପୃକ୍ତ ୧୨ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି। ସେହିପରି ଗତ ଏସ୍ତାହ ମଧ୍ୟରେ ୧୧୦ ଜଣଙ୍କୁ ଗିରଫ କରାଯାଇଥିବା ନେଇ ପୁଲିସ ପକ୍ଷରୁ କୁହାଯାଇଛି।

## ପକ୍ଷୀ ମିତ୍ର ଅଭିଯାନ କାର୍ଯ୍ୟକ୍ରମ



**ବୁଗୁଡ଼ା,୩୦।୫(ସମିସ):** ସ୍ଥାନୀୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଷ୍ଟୁଡେଣ୍ଟସ୍ ଫର୍ ଡେଭେଲପମେଣ୍ଟ ୟୁନିଟ୍ ପକ୍ଷରୁ ପକ୍ଷୀ ମିତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଦ୍ୱିତୀୟ ଅର୍କକ୍ଷେତ୍ର ଭାବେ ଖ୍ୟାତ ବୁଗୁଡାର ବିରଞ୍ଚି ନାରାୟଣ ମନ୍ଦିର ପରିସରରେ ରହିଥିବା ବିଭିନ୍ନ ବୃକ୍ଷରେ ପକ୍ଷୀଙ୍କ ନିମନ୍ତେ ଜଳପାତ୍ର ସ୍ଥାପନ ପୂର୍ବକ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସଂପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ପାଣି ଟୋପାଏ ପାଇବା ପାଇଁ ଛଟପଟ ହେଉଥିବା ପକ୍ଷୀଙ୍କୁ ଜଳ ଯୋଗାଣ ଉଦ୍ଦେଶ୍ୟରେ ଏଭଳି ବୃକ୍ଷ ମଧ୍ୟ ଜଳପାତ୍ର ସ୍ଥାପନ ବ୍ୟବସ୍ଥା କରାଯାଇଥିଲା। ଏପରି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ କରାଯିବା ସହ ପକ୍ଷୀ ମିତ୍ର ହେବା ନିମନ୍ତେ ଜନ ସଚେତନତା ସୃଷ୍ଟି କରାଯିବାର ଯୋଜନା ରହିଛି ବୋଲି ଗଞ୍ଜାମ ଜିଲ୍ଲା ଏବିଭିପି ସଂଯୋଜକ ରାକେଶ ଜେନା କହିଛନ୍ତି। କାର୍ଯ୍ୟକ୍ରମରେ ନଗର ସହ-ସମ୍ପାଦକ ସୌଭାଗ୍ୟ ସାହୁ, ଓମ୍ କୁମାର ଗୌଡ଼, କେ.ଶୁଭମ୍ ଆଚାରୀ, କାହ୍ନା ସ୍ୱାଇଁ, ଶିବରାମ ନାୟକ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମାର୍ଗ ପ୍ରମୁଖ କାହ୍ନୁଚରଣ ପାଢୀ ଅଂଶଗ୍ରହଣ କରିଥିଲେ।

# ଗ୍ୟାସ୍ ଚୁଲାରୁ ନିଆଁ ଲାଗି ମହିଳା ମୃତ

● ସ୍ୱାମୀ ଓ ପୁଅ ଆହତ

● ଚିନ୍ତାରେ ଆଖି ବୁଜିଲେ ଶଶୁର

**ଖଲ୍ଲିକୋଟ,୩୦।୫(ସମିସ)**

ପୁରୁଷୋତ୍ତମପୁର ଥାନା ସିକୁଳା ଗ୍ରାମର ଜଣେ ମହିଳା ଗ୍ୟାସ ନିଆଁ ଲାଗି ଗୁରୁତର ହୋଇଥିଲେ। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମୀନତି ଲେଙ୍କା। ଅପରପକ୍ଷେ ମୀନତିଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ହୋଇଥିବା ସ୍ୱାମୀ ଯୋଗେନ୍ଦ୍ର ଓ ପୁଅ କାହ୍ନା ଚିକିତ୍ସାଧୀନ ଅଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସେହିପରି ପରିବାରର ଏଭଳି ଦୂରାବସ୍ଥା ଦେଖି ଶଶୁର ମଧ୍ୟ ଆଖି ବୁଜି ଦେଇଛନ୍ତି।

ଖଲ୍ଲିକୋଟ ଥାନା ଅନ୍ତର୍ଗତ ନୂତନ ବ୍ରହ୍ମପୁର ଗ୍ରାମର ମିନତି ଲେଙ୍କା ୧୪ ବର୍ଷ ତଳେ ସିକୁଳା ଗ୍ରାମର ଯୋଗେନ୍ଦ୍ର ଲେଙ୍କାଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ପୁଅ ଅଛନ୍ତି। ଗତ ୧୫ ତାରିଖ ସନ୍ଧ୍ୟାରେ ମିନତୀ ରୋଷେଇ କରିବା ପାଇଁ ଗ୍ୟାସ ଚୁଲାରେ ଅଗ୍ନି ସଂଯୋଗ କରିବା ମାତ୍ରେ ନିଆଁ ହୁତୁହୁତୁ ହୋଇ ଜଳି ଉଠିଥିଲା। ମିନତୀଙ୍କ ଶାଢ଼ୀରେ ନିଆଁ ଲାଗି ଶରୀରର ପ୍ରାୟ ୭୦ ଭାଗ ପୋଡ଼ି ଯାଇଥିଲା। ମିନତୀଙ୍କ ଚିତ୍କାର ଶୁଣି ପାଖ ରୁମରେ ଥିବା ସ୍ୱାମୀ ଯୋଗେନ୍ଦ୍ର ଲେଙ୍କା ଓ ୧୧ ବର୍ଷର ସାନ ପୁଅ କାହ୍ନା ଲେଙ୍କା ଦୌଡ଼ି ଆସି ବଞ୍ଚାଇବାକୁ ଚେଷ୍ଟା କରିବା ବେଳେ ସେମାନେ ମଧ୍ୟ ନିଆଁରେ ପୋଡ଼ି ହୋଇ ଆହତ ହୋଇଥିଲେ। ତୁରନ୍ତ ପରିବାର ଲୋକେ ତାଙ୍କୁ ପ୍ରଥମେ କୋଦଳା ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେଇ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଆଶା ଜନକ ଚିକିତ୍ସା ସୁବିଧା ନ ମିଳିବାରୁ ମୀନତିଙ୍କ ବାପ ଘର ନୂତନ ବ୍ରହ୍ମପୁରକୁ ନେଇ ଆସିଥିଲେ। ବୁଧବାର ସନ୍ଧ୍ୟାରେ ମିନତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଘରର ଏଭଳି ଅବସ୍ଥା ଦେଖି ମିନତୀଙ୍କ ଶଶୁର ବିଜୟ ଲେଙ୍କା (୭୦) ଚିନ୍ତାରେ ଗତ ସୋମବାର ଆଖି ବୁଜିଛନ୍ତି।

## ଯୁବକଙ୍କୁ ଆକ୍ରମଣ; ଜଣେ ଗିରଫ

**ରଙ୍ଗେଇଲୁଣ୍ଡା,୩୦।୫(ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ ଭାଲିଆଗଡ଼ ଗାଁରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଭାଲିଆଗଡର ଡି ହେମ କୁମାର(୨୩ ) ବୋଲି ପୁଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ, ଭାଲିଆଗଡ ଘାଟି କାଲୁଆ ମନ୍ଦିର ସାହିର ଏ ଲିଙ୍ଗରାଜ ଗତ ମଙ୍ଗଳବାର ରାତି ୧୧ଟାରେ ଭାଲିଆଗଡ ଗାଁକୁ ନାଚ ଦେଖିବାକୁ ଆସିଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭାଲିଆଗଡ ଡି ହେମ କୁମାର ସମେତ ଅନ୍ୟ ଦୁଇଜଣ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଘଟଣା ନେଇ ଆଛା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ପକ୍ଷରୁ ୨୪୩/୨୪ରେ ଏକ ମାମଲା ରୁଜୁ କରିବା ସହ ହେମ କୁମାରକୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ପଟେ ଏହି ଘଟଣାରେ ଡି ଶୈଳଜାଙ୍କ ପକ୍ଷରୁ ଥାନାରେ ପାଲଟା ଲିଖିତ ଅଭିଯୋଗ କରିବା ସହ ଆହତ ଲିଙ୍ଗରାଜ ଓ ତାଙ୍କ ବାପା ମିଶି ତାଙ୍କ ଘର ସମ୍ମୁଖକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି।

## କାମାକ୍ଷା ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଆସିକା,୩୦।୫(ସମିସ):** ଆସିକା ବ୍ଲକ ହରିଡ଼ାପଦର ପଞ୍ଚାୟତର ମଣ୍ଡାପଡା ଗାଁରେ କାମାକ୍ଷା ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ କଳସ ଯାତ୍ରାଠାରୁ ଶେଷ ଦିନରେ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏଥିସହ ବନ୍ଦେଶ୍ୱର ମହାଦେବ ଓ ରତ୍ନ ମାଳିଙ୍କ ମନ୍ଦିର ଜୀର୍ଣ୍ଣୋଧାର ସଂସ୍କାର ଉତ୍ସବ ହୋଇଥିଲା। ଏହି ଅବରରେ ଜ୍ଞାନ ଯଜ୍ଞ, ନାମ ଯଜ୍ଞ, ଅନ୍ନଯଜ୍ଞ, ଗୋ-ଯଜ୍ଞ ଓ ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ପୂର୍ଣ୍ଣ ବରାଡ଼, କାହ୍ନୁ ଦଳାଇ, ସାଇ ଦଳାଇ, ରଞ୍ଜନ ବିଷୋୟୀ, ପ୍ରମୋଦ ପ୍ରଧାନ, ଜିତେନ୍ଦ୍ର ମହାରଣା, ଆକାଶ ସ୍ୱାଇଁ, କେଶବ ଦାସ, ଭଗବାନ ସ୍ୱାଇଁ, ଈଶ୍ୱର ସ୍ୱାଇଁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଆଇନଜୀବୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ପାତ୍ରପୁର,୩୦।୫(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ପାତ୍ରପୁର ଗ୍ରାମର ଆଇନଜୀବୀ ତ୍ରିନାଥ ମହାନ୍ତିଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଜରଡା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ୬ଭରି ସୁନା, ପ୍ରାୟ ୭୦ହଜାର ଟଙ୍କା, ମୋବାଇଲ, ପେନ୍‌ଡ୍ରାଇଭ୍ ଓ କୋର୍ଟର କିଛି ଆବଶ୍ୟକୀୟ କାଗଜପତ୍ର ଚୋରି ହୋଇଥିବା ଶ୍ରୀ ମହାନ୍ତି ଦର୍ଶାଇଛନ୍ତି।

ମିଳିଥିବା ସୂଚନା ପ୍ରକାରେ ପାତ୍ରପୁର ଗ୍ରାମର ଆଇନଜୀବୀଙ୍କ କୋର୍ଟ ନିକଟରେ ଥିବା ଘର ପଛପଟ ଝରକା ଭାଙ୍ଗି ଚୋରି ହୋଇଥିବା ବେଳେ ସକାଳୁ ପଡ଼ୋଶୀ କରୁଥିବା ଜରଡା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି। ଜରଡା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଉଥିବା ବେଳେ ପୁଲିସ ହାତ ଖାଲି ପଡିଛି। ସୂଚନା ଥାଉକି ଗତ ବର୍ଷ ନଭେମ୍ବର ମାସରେ ମନ୍ଦିର ସମ୍ମୁଖରୁ ମିଶନଶକ୍ତି କର୍ମଚାରୀଙ୍କ ସ୍କୁଟି ଚୋରି ହୋଇଥିବା ବେଳେ ଘଟଣାକୁ ୬ମାସରୁ ଅଧିକ ସମୟ ବିତିଥିବା ବେଳେ ପୁଲିସ ସ୍କୁଟିର ଟେର୍ ପାଇନାହିଁ। ସେହିଭଳି ଜରଡା ଥାନା ଅଞ୍ଚଳରେ ଅନେକ ବାଇକ୍, ମନ୍ଦିର, ଘରୁ ଚୋରି ଓ ଦିନ ଦିପହରରେ ଯୁବକଙ୍କ ଠାରୁ ଟଙ୍କା ଝାମ୍ପି ନେବା ଭଳି ଅନେକ ଘଟଣା ଘଟିଥିଲେ



ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜରଡା ଥାନା ପୁଲିସ ପକ୍ଷରୁ ୧୯୭/୨୪ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ନେଇ ଘଟଣାସ୍ଥଳରେ ତନାଘନା ସୁଦ୍ଧା ପୁଲିସ ତଦନ୍ତ କାଗଜପତ୍ରରେ ସିମିତ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ପୁଲିସକୁ ସଫଳତା ମିଳୁନଥିବା ବେଳେ ଚୋର ଗ୍ୟାଙ୍ଗ୍ ଅଞ୍ଚଳରେ ସକ୍ରୀୟ ହୋଇ ଅନେକ ଘରେ କଳାକନା ବୁଲାଇବାରେ ଲାଗିଛନ୍ତି।

## ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର ହେଲେ ନୂତନ ଡିଏମ୍‌ଇଟି

**ବ୍ରହ୍ମପୁର,୩୦।୫(ସମିସ):** ଏମକେସିଜି ମେଡିକାଲ ଓ କଲେଜର ଡିନ୍ ପ୍ରଫେସର ସନ୍ତୋଷ କୁମାର ମିଶ୍ରଙ୍କୁ ମିଳିଛି ନୂଆ ଦାୟିତ୍ୱ। ରାଜ୍ୟର ନୂତନ ଡିଇଏମଟି ବା ଭେଷଜ ଶିକ୍ଷା ଓ ତାଲିମ ବିଭାଗର ନିର୍ଦ୍ଦେଶକ ଭାବେ ପ୍ରଫେସର ମିଶ୍ରଙ୍କର ପଦୋନ୍ନତି ହୋଇଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ଜାରି ହୋଇଥିବା ଚିଠି ନମ୍ବର ୧୩୬୯୦ରୁ ଏନେଇ ଜଣାପଡିଛି। ଜାରି ହୋଇଥିବା ବିଜ୍ଞପ୍ତି ପ୍ରକାରେ ଏମକେସିଜି ମେଡିକାଲର ଅଧିକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କୁ ଏମକେସିଜି ମେଡିକାଲ କଲେଜର ଭାରପ୍ରାପ୍ତ ଡିନ୍ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ଥିବା ବେଳେ ଏହି ନିଯୁକ୍ତି ଓ ପଦୋନ୍ନତିକୁ ଜାତୀୟ ନିର୍ବାଚନ ଆୟୋଗ ଅନୁମୋଦନ କରିଥିବା ଚିଠିରୁ ସୂଚନା ମିଳିଛି

**ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କୁ ଏମ୍‌କେସିଜି ମେଡିକାଲ ଓ କଲେଜର ଭାରପ୍ରାପ୍ତ ଡିନ୍ ଦାୟିତ୍ୱ**

## ମା' ସିଦ୍ଧେଶ୍ୱରୀଙ୍କ ଘଟପର୍ବ ଆରମ୍ଭ

**ନୂଆଗଡ଼,୩୦।୫(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ଓଡ଼ିଆ ସାହିରେ ପ୍ରସିଦ୍ଧ ଶ୍ରୀଶ୍ରୀଶ୍ରୀ ମା ସିଦ୍‌ଧେଶ୍ୱରୀଙ୍କ ଘଟପର୍ବ ଶୁଭାରମ୍ଭ ହୋଇଛି। ଓଡ଼ିଆ ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ବିଜେ କରିଛନ୍ତି ମା। ମାଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଉଛନ୍ତି ଭକ୍ତ। ମାଙ୍କ ଦର୍ଶନ ପାଇଁ ଗାଁରେ ପ୍ରବଳ ଭିଡ଼ ଜମିବାରେ ଲାଗିଛି। ଲୋକେ ଭକ୍ତିରେ ଆବେଗ ହୋଇ ଆନନ୍ଦ ଉଲ୍ଲାସ ହେବା ସହ ଗାଁ ଉତ୍ସବମୁଖର ହୋଇପଡିଛି। ଘଟପର୍ବ ଅବସରରେ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ହୋଇ ଝଲସୁଛି ବଜାର ଏବଂ ସାହି। ପାରମ୍ପାରିକ ରୀତିନୀତି ଅନୁସାରେ ବୁଧବାର ରାତିରେ ମା' ସିଦ୍‌ଧେଶ୍ୱରୀଙ୍କୁ ଆବାହନ କରାଯାଇଥିଲା। ରାତି ଦଶ ଘଣ୍ଟା ସମୟରେ ମା ନିଜ ମନ୍ଦିରରୁ ବାହାରି ଥିଲେ। ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଭକ୍ତ ମା ସିଦ୍‌ଧେଶ୍ୱରୀଙ୍କ ମନ୍ଦିରକୁ ଯାଇ ଶୋଭାଯାତ୍ରାରେ ସାମିଲ ହୋଇ ମାଙ୍କୁ ବାଘଷଣ୍ଢ ନୃତ୍ୟ, ପାରମ୍ପରିକ ଆଦିବାସୀ ନୃତ୍ୟ ଓ ଶୁଭ ଶଙ୍ଖ ଘଣ୍ଟ ଧ୍ୱନି ସହ ଢୋଲ, ଚାଙ୍ଗୁ ବାଦ୍ୟର ତାଳେ ତାଳେ ନାଚି ଶ୍ରଦ୍ଧାଳୁ ବହୁ ଆଡ଼ମ୍ବରରେ ବରଣ କରି ଆଣିଥିଲେ। ପ୍ରତ୍ୟେକ ଘର ସମ୍ମୁଖରେ ମାଙ୍କୁ ବନ୍ଦାପନା କରି ଓଡ଼ିଆ ସାହି ସ୍ଥିତ ଅସ୍ଥାୟୀ ପୂଜାମଣ୍ଡପରେ ସ୍ଥାପନା କରାଯାଇଥିଲା। ସୂଚନା ଅନୁସାରେ ୭ଦିନ ବ୍ୟାପି ଅସ୍ଥାୟୀ ମଣ୍ଡପରେ ପାରମ୍ପରିକ ରୀତିନୀତିରେ ପୂଜା ପାଇବେ ମା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମାଙ୍କୁ ସାହି ପରିକ୍ରମା କରାଯିବା ସହ ରାତିରେ ଲୋକଙ୍କ ମନୋରଞ୍ଜନ ପାଇଁ ଭାରତ ଲୀଳା, ମେଲୋଡ଼ି, 'ସତୀ ଲୁହରେ ଜଳୁଛି ଲଙ୍କା' ଏବଂ ସ୍ଥାନୀୟ ବାପୁଜୀ ଯୁବକ ସଂଘ ଦ୍ୱାରା ସାମାଜିକ ନାଟକ '' ଆସିଛି ଏକା, ଯିବି ମୁଁ ଏକା'ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି। ଏସମ୍ପର୍କରେ ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା କମିଟି ସଭାପତି ଚୈତନ୍ୟ ପାଇକ, ସମ୍ପାଦକ ଅଜିତ ମହାନ୍ତି, କୋଷାଧ୍ୟକ୍ଷ ଜଗଦିଶ ପାତ୍ର ଏବଂ ପ୍ରମୁଖ ସୁରେନ୍ଦ୍ର ନାଥ ସାହୁ ଏବଂ ଗ୍ରାମ୍ୟ କମିଟିର ସଭାପତି କିଶୋର ଚନ୍ଦ୍ର ଗଉଡ଼, ସମ୍ପାଦକ ଶାନ୍ତନୁ ବାହାଦୁର, କୋଷାଧ୍ୟକ୍ଷ ବାଳକୃଷ୍ଣ ବେହେରା, ସଦସ୍ୟ ମିଟୁ ପାଇକ ଓ ଦେବହରି ଦଳାଇ ଘଟପର୍ବରେ ସହଯୋଗ କରୁଥିବା ବେଳେ ବାପୁଜୀ ଯୁବକ ସଂଘ ସଭାପତି ଶ୍ରୀ ଜଗନ୍ନାଥ ପାଇକଙ୍କ ତତ୍ତ୍ୱାବଧାନରେ ଯୁବକ ସଂଘର ସଦସ୍ୟଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଉଥିବା ଜଣାପଡିଛି।



## ଲୋପ ପାଇବାକୁ ବସିଛି ମୂଲ୍ୟବାନ ପିଆଶାଳ ଓ ଶିଶୁଆ ଗଛ



**ବାଲିଗୁଡା,୩୦।୫(ସମିସ):** ଯେତେବେଳେ ଖଟ ,ସିନ୍ଧୁକ ଏବଂ କବାଟ କଥା ଆସେ ପିଆଶାଳ ଗଛ ଖୋଜାପଡେ। କାରଣ ବୟସ୍କ ପିଆଶାଳ ଗଛର କାଠ ଲୁହା ସହ ସମାନ ବୋଲି କୁହାଯାଏ। ସେଥିପାଇଁ ଘର, କାଠ ସିନ୍ଧୁକ କଥା ଅବା ଖଟ ନିର୍ମାଣ କରିବାକୁ ହେଲେ ପ୍ରଥମ ପ୍ରଶ୍ନ କରାଯାଏ ପିଆଶାଳ କାଠରେ ହୋଇ ପାରିବ ତ? । କିନ୍ତୁ ଏଥିନେଇ ବ୍ୟାପକ ଗଛ କଟାହେବା ପରେ ଧିରେ ଧିରେ ଏହି ଗଛ ଏବେ ଲୋପ ପାଇବାକୁ ବସିଲାଣି । ସେହିପରି ଶିଶୁଆ କାଠର ମଧ୍ୟ ଚାହିଦା ରହିଛି। ଶିଶୁଆ କାଠ ଦେବାଦେବୀଙ୍କ ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ। ଦିନ ଥିଲା କନ୍ଧମାଳ ଜଙ୍ଗଲରେ ଶାଳ ଏବଂ ପିଆଶାଳ ଏବଂ ଶିଶୁଆ କାଠ ପ୍ରଚୁର ମାତ୍ରରେ ଦେଖିବାକୁ ମିଳୁଥିଲା । ଏବେ କିନ୍ତୁ ଶାଳଗଛକୁ ଛାଡିଦେଲେ ପିଆଶାଳ ଏବଂ ଶିଶୁଆ ଗଛ ଲୋପ ପାଇବାର ବସିଛି । ବାଲିଗୁଡ଼ା ଅଞ୍ଚଳ କୋଟଗଡ ଅଭୟାରଣ୍ୟ ଏବଂ ତୁମୁଡ଼ିବନ୍ଧରେ ଅଞ୍ଚଳରେ ବହୁ ସଂଖ୍ୟାରେ ଗଛ ରହିଥିଲା। ହେଲେ ବନ ବିଭାଗର ଅବହେଳା ହେତୁ ଆଗାମୀ ପିଢ଼ି ପିଆଶାଳ ଗଛକୁ ଚିହ୍ନଟ କରିବା କଷ୍ଟକର ହୋଇପଡିବ ବୋଲି କୁହାଯାଉଛି। ପିଆଶାଳ କାଠରେ ଆସବାବପତ୍ର ନିର୍ମାଣ ହେବା ସହ ଡାଇବେଟିସ ପାଇଁ ଏହି ଗଛର ଛାଲି ରାମବାଣ ସଦୃଶ ବୋଲି କୁହାଯାଏ। ଆଦିବାସୀ ବୈଦଙ୍କ କହିବାନୁଯାୟୀ ପିଆଶାଳ ଛାଲିକୁ ନିୟମ ଅନୁସାରେ ସେବନ କରାଗଲେ ପୁରୁଣା ଡାଇବେଟିସ ରୋଗ ଭଲ ହୋଇଥାଏ । ପରିବେଶରେ ଭାରସାମ୍ୟ ରଖିବା ପାଇଁ ଏହି ଗଛ ବେଶ ସହାୟକ ହୋଇଥାଏ । ଦିନ ଥିଲା ଏହି ଦୁଇ ଗଛ କନ୍ଧମାଳ ପାଇଁ ନୂତନ ପରିଚୟ ଆଣିଥିବା ବେଳେ ବନବିଭାଗ ନିରବଦ୍ରଷ୍ଟା ସାଜୁଥିବାରୁ କାଠ ବେପାରୀ ଚୋରାଚାଲାଣ କରି ବିକ୍ରି କରୁଛନ୍ତି। ଜଙ୍ଗଲରେ ବାଲିଗୁଡ଼ା ବନ ବିଭାଗ ପକ୍ଷରୁ ପିଆଶାଳ ଚାରାରୋପଣ କରାଯାଇଛି। କିନ୍ତୁ ଚୋରାବେପାରୀ ଗଛ କାଟି ନେଉଥିବା ଅଭିଯୋଗ ହେଉଛି। ବନ ବିଭାଗ ପକ୍ଷରୁ ଏସମ୍ପର୍କରେ କଡ଼ା ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି।



# କଚ୍ଛପ ଗତିରେ ଚାଲିଛି ଭଞ୍ଜନଗର-ଆସ୍କା ରାସ୍ତା କାମ

**ଭଞ୍ଜନଗର, ୩୦।୫(ସମିସ)**



ବିଜୟୱାଡା-ରାଞ୍ଚି କରିଡର ୧୫୭ନଂ ଜାତୀୟ ରାଜପଥ ଅନ୍ତର୍ଗତ ଭଞ୍ଜନଗରଠାରୁ ଆସ୍କା ୪୦କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲାଗିଲାଣି ପ୍ରାୟ ୨ବର୍ଷରୁ ଅଧିକ ସମୟ। ହେଲେ କାମ ଜମା ସରୁନାହିଁ। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ରାସ୍ତାର ଅନେକ ସ୍ଥାନରେ ଛୋଟ ଛୋଟ ପୋଲ ନିର୍ମାଣ କାମ ଚାଲିଛି। ଯାହାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶତାଧିକ ବସ୍, ମାଲ ବୋଝେଇ ଟ୍ରକ, ଟ୍ରଲର ସମେତ ବହୁ ଛୋଟବଡ଼ ଯାନବାହନ ଯାତାୟାତ କରୁଛି। ହେଲେ ଅଧିକାଂଶ ସ୍ଥାନରେ ରାସ୍ତା କାମ ସମ୍ପୂର୍ଣ୍ଣ ନହୋଇ ଅଧ ଖଣ୍ଡିଆ ହୋଇ ରହିଛି। ଫଳରେ ଦ୍ରୁତ ଗତିରେ ଆସୁଥିବା ଗାଡ଼ିଗୁଡିକ ଭାରସାମ୍ୟ ହରାଇ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଗତବର୍ଷ କ୍ଷତ୍ରିୟବରପୁର ନିକଟରେ ଏକ ତେଲ ବୋଝେଇ ଟ୍ୟାଙ୍କର ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହେବା ଦ୍ୱାରା ପାଶ୍ୱର୍ରେ ଏକ ଅସ୍ଥାୟୀ ବିକଳ୍ପ ରାସ୍ତା ନିର୍ମାଣ କରାଯାଇ ଅଟକି ରହିଥିବା ଗାଡ଼ି ମଟର ଚଳାଚଳ ସ୍ୱାଭାବିକ କରାଯାଇଥିଲା। ରାସ୍ତାରେ ଓଲଟି ଥିବା ଟ୍ୟାଙ୍କରକୁ ହଟାଇବା ଓ ରାସ୍ତାସାରା ପଡ଼ିଥିବା ତେଲକୁ ସଫା କରିବା ପାଇଁ ଗାଙ୍ଗପୁର ପୁଲିସ ଓ ଅଗ୍ନିଶମ ବିଭାଗକୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଅଗ୍ରଗତି ହୋଇ ପାରିଲା ନାହିଁ। ଦାୟିତ୍ୱ ନେଇଥିବା ଠିକା ସଂସ୍ଥା କାର୍ଯ୍ୟରେ କମ ସଂଖ୍ୟକ କର୍ମଚାରୀ ଓ ଶ୍ରମିକମାନଙ୍କୁ ନିୟୋଜିତ କରିଥିବାରୁ ରାସ୍ତା ନିର୍ମାଣରେ ବହୁ ବିଳମ୍ବ ହେଉଥିବା ଜଣାପଡ଼ିଛି।

ପାରଳାରେ ଆତଙ୍କ

# ଶିଶୁପୁତ୍ରର ତଣ୍ଟିରେ ଭୁଜାଲି ରଖି ଲୁଟିଲେ ଦୁର୍ବୃତ୍ତ





**ପାରଳାଖେମୁଣ୍ଡି, ୩୦।୫(ସମିସ)**

ପାରଳାଖେମୁଣ୍ଡି ସହର ଦୁର୍ବୃତ୍ତଙ୍କ ଚରାଭୂଇଁ ପାଲଟିଛି। ଖୋଲାଖୋଲି ଭାବେ ପୁଲିସକୁ ଚାଲେଞ୍ଜ ଦେଉଛନ୍ତି ଦୁର୍ବୃତ୍ତ। ଘଟଣା ଘଟିବା ପରେ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିଦେଇ ତଦନ୍ତରେ ସୀମିତ ରହୁଛି ପୁଲିସ। ଦୁର୍ବୃତ୍ତଙ୍କ ପତ୍ତା ମିଳୁନି। ସହରରେ ଚୋରି ନିତିଦିନିଆ ଘଟଣା ହୋଇଛି। ପୁଲିସର କାର୍ଯ୍ୟାନୁଷ୍ଠାନ ଆଶାଅନୁରୂପ ହେଉ ନ ଥିବା ଅଭିଯୋଗ ହେଉଛି। ଲୋକଙ୍କୁ ସହାୟତା ତଥା ପୁଲିସକୁ ସହଯୋଗ କରିବା ପାଇଁ ନିବେଦନ କରାଯାଉଛି। ହେଲେ ପୁଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତତ୍ପରତା ଦେଖାଉ ନ ଥିବା ଅନେକ ନଜିର ରହିଛି। ଏପରି ସ୍ଥଳେ ଦୁର୍ବୃତ୍ତ ବେଫିକର ଢଙ୍ଗରେ କଳାକନା ବୁଲାଉଛନ୍ତି। ରାତି ହେଉ ବା ଦିନ କିମ୍ବା ସକାଳ କେଉଁ ମୂହୁର୍ତ୍ତରେ ଚୋରି ଯାଇଥିବ କେହି ଜାଣିପାରୁ ନାହାନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ଢଙ୍ଗରେ ଚୋରି ଓ ଲୁଟପାଟ ଘଟଣା ସହରବାସୀଙ୍କ ନିଦ ହଜାଇ ଦେଇଛି। ଏପରି ସ୍ଥଳେ ଗୋଟିଏ ମାମଲାରେ ବି ରିକଭରି ହୋଇନାହିଁ। କିଛି ଘଟଣାରେ ଦୁର୍ବୃତ୍ତଙ୍କୁ ଧରାଯାଉଛି କିନ୍ତୁ ସେମାନଙ୍କ ନିକଟରୁ କୌଣସି ଚୋରି ସାମଗ୍ରୀ ମିଳିନି। ପୁଲିସ ଏସବୁ କ୍ଷେତ୍ରରେ ବିଫଳ ହେଉଥିବାରୁ ଅଭିଯୋଗ କରିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି।

ସହରରେ ରାତିପାଇବା ବେଳକୁ ଚୋରି ଲୁଟପାଟ ଘଟଣା ସାମାକୁ ଆସୁଥିଲା। ହେଲେ ଏବେ କେତେ ଦିନ ହେଲା ଦିନ ଦ୍ୱିପହର କିମ୍ବା ସକାଳେ ଚୋରି ଓ ଲୁଟପାଟ ହେଉଥିବା ପରିଲିକ୍ଷିତ ହେଉଛି। ବିଶେଷ କରି ସହରର ମକ୍କାତୋଟାମ୍ମା ମନ୍ଦିର ଅଞ୍ଚଳର ବିଶ୍ୱନାଥ ନଗରରେ ଦୁର୍ବୃତ୍ତ ଡେରାପକାଇ ବସିଥିବା ଆଲୋଚନା ହେଉଛି। ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଛି। କିଛି ଦିନ ପୂର୍ବେ ଦୁର୍ବୃତ୍ତ ସ୍କୁଟି ଡିକି ତାଡି ୮୦ ହଜାର ଟଙ୍କା ଲୁଟି ନେଇଥିବା ବେଳେ ଗୁରୁବାର ସକାଳ ପ୍ରାୟ ୧୦ଘଣ୍ଟା ସମୟରେ ବାରିପଟରୁ ୪ରୁ ଊର୍ଦ୍ଧ୍ୱ ଲୁଟେରା ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଘରେ ପଶି ତାଙ୍କ ଶିଶୁ ପୁତ୍ରର ବେକରେ ଭୁଜାଲି ରଖି ତିନି ଲକ୍ଷ ଟଙ୍କା ସହ ପ୍ରାୟ ୪ ତୋଳା ସୁନା ଗହଣା ନେଇ ପଳାଇଥିବା ଘଟଣା ସାମନାକୁ ଆସିଛି। ଘଟଣାରୁ ପ୍ରକାଶ ଯେ, ରାଜସ୍ୱ ବିଭାଗରେ କାର୍ଯ୍ୟରତ ଶ୍ୟାମସୁନ୍ଦର କାର୍ଯ୍ୟାଳୟକୁ ଚାଲିଯିବା ପରେ ପତ୍ନୀ ସସ୍ମିତା ଓ ୧୧ ବର୍ଷିୟ ଶିଶୁପୁତ୍ର ଘରେ ଥିଲେ। ଦୁର୍ବୃତ୍ତ ବାଡି ଅଗଣାରେ ଥିବା କବାଟ ଠେଲି ଘରଭିତରକୁ ପ୍ରବେଶ କରିଥିଲେ। ସେହି ସମୟରେ ସସ୍ମିତା ଆଲମିରା ବାହାର କରୁଥିଲେ ଏବଂ ତାଙ୍କ ପୁତ୍ର ଟିଭି ଦେଖୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଶିଶୁପୁତ୍ରର ତଣ୍ଟିରେ ଭୁଜାଲି ରଖିଥିଲେ। ଏଥିରେ ଉଭୟେ ହତବାକ ହୋଇ ପଡ଼ିଥିଲେ। ଏପରିକି ପାଟି ମଧ୍ୟ କରିପାରି ନ ଥିଲେ। ମୁହଁରେ ମାସ୍କ ପରିଧାନ କରିଥିବା ୪ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଶିଶୁପୁତ୍ରକୁ ଧରିଥିବା ବେଳେ ଅନ୍ୟ ୩ ଜଣ ଆଲମିରା ବାହାର କରି ନଗଦ ୩ ଲକ୍ଷ ଟଙ୍କା ଏବଂ ପ୍ରାୟ ୪ ତୋଳାର ସୁନା ଅଳଙ୍କାର ଧରି ଚମ୍ପଟ ମାରିଥିଲେ। ପାଞ୍ଚମିନିଟ ମଧ୍ୟରେ ଏହି ଘଟଣା ଘଟିଥିଲା। ଯିବାବେଳେ ଘର ସାରା ପାଣି ପକାଇଦେଇ ଚାଲିଯାଇଥିଲେ ଦୁର୍ବୃତ୍ତ। ଖବର ପାଇ ପାରଳାଖେମୁଣ୍ଡି ଏସଡିପିଓ ମାଧବାନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସଦଳେବଳେ ପହଞ୍ଚି ତଦନ୍ତ କରିଥିଲେ। ଏହାପରେ ଡଗ୍ ସ୍କାର୍ଡ ଆଦି ପହଞ୍ଚି ତଦନ୍ତ ମଧ୍ୟ କରାଯାଇଥିଲା। ଏସମ୍ପର୍କରେ ବିଶ୍ୱନାଥନଗର ଅଞ୍ଚଳରେ ଦୁଇ ଅଜଣା ଯୁବକଙ୍କୁ ପୁଲିସ ଧରି ପଚରାଉଚରା କରୁଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ସ୍ପର୍ଶରେ ଯୁବକ ଗୁରୁତର

**ଛେଳିଗଡ଼, ୩୦।୫(ସମିସ):** ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ରଣ୍ଡିବା ପଞ୍ଚାୟତ ଡମ୍ବା ଗ୍ରାମରେ ଗୁରୁବାର ସକାଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯୁବକ ଜଣକ ହେଲେ କିଶୋର ନାୟକ(୨୨)। ସେ ତାଙ୍କ ନବ ନିର୍ମିତ ଗୃହରେ ପାଣି ପକାଉଥିବା ସମୟରେ ଘରକୁ ଲାଗି ଗ୍ରାମକୁ ବିଦ୍ୟୁତ ସଂଯୋଗ ପାଇଁ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ବିଦ୍ୟୁତ ଝଟକା ବାଜିବା କ୍ଷଣି ଘର କାନ୍ଥ ବାଜି ଛିଟିକି ତଳେ ପଡ଼ିଯାଇଥିଲେ। ପରିବାର ଲୋକ ଦେଖିବା ବେଳେ ତାଙ୍କ ଶରୀରର ମୁହଁ ଭାଗ ପୋଡି ମୁହଁରେ ଗଭୀର ଆହତ ହୋଇଥିବା ଦେଖି ଚିକିତ୍ସା ନିମନ୍ତେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ମଧ୍ୟ କିଶୋରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପରିବାର ଲୋକଙ୍କ କହିବାନୁସାରେ ଘର କାମ ଆରମ୍ଭରୁ ବିଦ୍ୟୁତ ତାର ଘୁଞ୍ଚାଇବା ପାଇଁ ଏସଡିଓଙ୍କୁ ଲିଖିତ ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏଥିଯୋଗୁଁ ଆଜି କିଶୋର ନାୟକ ସେହି ତାର ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ଆହତ ହୋଇଛନ୍ତି। ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଘଟଣା ଘଟିଥିବା କୁହାଯାଉଛି। ଆହତ ଯୁବକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଡମ୍ବା ଗ୍ରାମବାସୀ କ୍ଷତିପୂରଣ ଦାବି କରିଛନ୍ତି। ଏ ବାବଦରେ ରା. ଉଦୟଗିରି ବିଦ୍ୟୁତ ବିଭାଗ ଏସଡିଓଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଛୁଟିରେ ଅଛନ୍ତି। ଛୁଟିରେ ଥିବା ଯୋଗୁଁ ଆଜିର ଘଟଣା ବିଷୟରେ ସେ ଅବଗତ ନଥିବା ଏବଂ ୧୧କେଭି ତାର ସ୍ଥାନାନ୍ତର ପାଇଁ କିଶୋରଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ଦେଇନାହାନ୍ତି ବୋଲି କହିଥିଲେ।



## ସ୍ୱାମୀଙ୍କ ମୃତ୍ୟୁର ୨ ବର୍ଷ ପରେ ବି ମିଳୁନି ବିଧବା ଭତ୍ତା

**ଫିରିଙ୍ଗିଆ, ୩୦।୫(ସମିସ):** ସରକାର ମଧୁବାବୁ ପେନସନ ଯୋଜନାରେ ଉଭୟ ବୃଦ୍ଧବୃଦ୍ଧା ଓ ବିଧବା ମହିଳାଙ୍କୁ ମାସକୁ ମାସ ଭତ୍ତା ଟଙ୍କା ଦେଉଛନ୍ତି। ଗରିବ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି ଯୋଜନା ଫଳପ୍ରଦ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ବ୍ଲକର ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିଥିବା ନଜର ଆସୁଛି। ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଗୋବରନଳା ଗ୍ରାମର ବକିଳି ବିନ୍ଧାଣୀଙ୍କ ସ୍ୱାମୀଙ୍କ ମୃତ୍ୟୁର ଦୁଇ ବର୍ଷରୁ ଅଧିକ ହୋଇଥିବା ସତ୍ତ୍ୱେ ବିଧବା ଭତ୍ତା ମିଳିପାରୁନି। ଏପରି ଶବଦାହ ବାବଦକୁ ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ୨୦୦୦ଟଙ୍କା ମଧ୍ୟ ମିଳି ନଥିବା ଜଣାପଡ଼ିଛି। ଭତ୍ତା ପାଇଁ ସେ ପଞ୍ଚାୟତ, ବ୍ଲକ, ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ବକିଳିଙ୍କ ଦୁଇ ପୁଅ ଅଛନ୍ତି। ବଡ଼ପୁଅ ଗାଲୁ ବିନ୍ଧାଣି ବିବାହ କରିବା ପରେ ସ୍ତ୍ରୀଙ୍କୁ ନେଇ ଅଲଗା ରହୁଛନ୍ତି। ବକିଳି ସାନପୁଅ ସହ ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ପରଘରେ ମୂଲଲାଗି ଦୁଇ ଜଣଙ୍କ ପାଇଁ ଦାନା ଯୋଗାଡ କରୁଛନ୍ତି ବକିଳି। ଏଭଳି ସ୍ଥିତିରେ ପରିବାର ଚଳାଇବା ତାଙ୍କ ପକ୍ଷରେ କଷ୍ଟକର ହେଉଛି। କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



ଫିରିଙ୍ଗିଆ ବସ୍ ଦୁର୍ଘଟଣା ମାମଲା

## ଫେରାର ବସ୍ ଡ୍ରାଇଭର ଗିରଫ

**ଫିରିଙ୍ଗିଆ, ୩୦।୫(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସନିମନ୍ଦିର ନିକଟ କାଳିଆ ସାହି ବସ ଦୁର୍ଘଟଣା ପରେ ଚଳନ୍ତା ବସରୁ ଡିଆଁ ମାରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବସ ଡ୍ରାଇଭରକୁ ବୁଧବାର ପୁଲିସ ଗିରଫ କରିଥିଲା। ଗୁରୁବାର ଫିରିଙ୍ଗିଆ ପୁଲିସ ସମ୍ପୃକ୍ତ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଡ୍ରାଇଭର ଜଣକ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଗୁଦାରି ମଲ୍ଲିକସାହିର ସୁନୀଲ କୁମାର ମଳିକ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲେ। ପରେ ଫୁଲବାଣୀ ବସଷ୍ଟାଣ୍ଡ ନିକଟରେ ଥିବା ଡ୍ରାଇଭର ସଙ୍ଘ କାର୍ଯ୍ୟାଳୟରେ ଥିବା ସୂଚନା ପାଇ ପୁଲିସ ଗିରଫ କରିଥିଲା। ମଙ୍ଗଳବାର ସନ୍ଧ୍ୟାରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ଠାରୁ ଫୁଲବାଣୀ ଆସୁଥିବା ସାଲୁଙ୍କି ନାମକ ଏକ ଘରୋଇ ବସ ଫିରିଙ୍ଗିଆ ବସଷ୍ଟାଣ୍ଡ ଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ସନିମନ୍ଦିର ପାଖ କାଳିଆସାହି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡରେ ଓଲଟି ପଡ଼ିଥିଲା। ବସ ତଳେ ଚାପି ହୋଇ ବସର କଣ୍ଡକ୍ଟର ଟୁଲୁ ପଟ୍ଟନାୟକଙ୍କ ସହ ଅନ୍ୟଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସାତରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଘଟଣା ସ୍ଥଳରେ ଜିଲ୍ଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଅଗ୍ନିଶମ ବାହିନୀ ଓ ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ପହଞ୍ଚି ବସ ଭିତରେ ଫଶି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ପରେ ବସ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଲେ।



● ଶୀତଳଷଷ୍ଠୀରେ ମଞ୍ଚସ୍ଥ ହେବ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ'

## ଅଭ୍ୟାସରେ ମସ୍‌ଗୁଲ କଳାକାର



**ଜି.ଉଦୟଗିରି, ୩୦।୫(ସମିସ):** ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତ ହେଉଛି ସାମାଜିକ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ'। ଏହା ଜୁନ ୧୩ ତାରିଖରେ ମେରୁ ପଡ଼ିଆରେ ମଞ୍ଚସ୍ଥ ହେବାକୁ ଥିବାବେଳେ ଜୋରସୋରରେ ଅଭ୍ୟାସ କରୁଛନ୍ତି କଳାକାର। ଗଞ୍ଜାମର ବରିଷ୍ଠ ନିର୍ଦ୍ଦେଶକ ମିଲୁ ଆଚାର୍ଯ୍ୟ ନାଟକର ନିର୍ଦ୍ଦେଶନା ଦେଇଥିବା ବେଳେ କଳାକାର ନିଖୁଣ ଅଭିନୟ କରୁଥିବା ଦେଖାଯାଉଛି। ମା ରୁଦ୍ରକାଳୀ ନାଟ୍ୟ ସଂଘ ତରଫରୁ ଆୟୋଜିତ ଏହି ନାଟକରେ ପ୍ରତାପରୁଦ୍ର ପାତ୍ର, କାଳୁ ଚରଣ ପଣ୍ଡା, ସୁଦର୍ଶନ ନାୟକ, ଟୁଟୁ ମହାପାତ୍ର, ବାପି ଆଚାର୍ଯ୍ୟ, ବିଶୁ ମହାରଣା ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଶୀତଳଷଷ୍ଠୀ ଯାତ୍ରା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ ୧୩ ତାରଖରେ ସାମାଜିକ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ପରିବେଷଣ କରାଯିବ ବୋଲି ଯାତ୍ରା କମିଟି ସଭାପତି ଅଶ୍ୱିନୀ କୁମାର ନାୟକ କହିଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲ୍‌ଟେଜ୍‌କୁ ବିରୋଧ

**ବାଲିଗୁଡା, ୩୦।୫(ସମିସ):** ଦିନକୁ ଦିନ ତାପମାତ୍ରାରେ ବୃଦ୍ଧି ହୋଇ ପ୍ରଚଣ୍ଡ ଖରା ଅନୁଭୂତ ହେଉଥିବା ବେଳେ କନ୍ଧମାଳ ଜିଲ୍ଲା ବାଲିଗୁଡାରେ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ଅଞ୍ଚଳବାସୀ। କିଛିଦିନର ବ୍ୟବଧାନ ପରେ ପୁଣି ତାତି ଉପର ମୁହାଁ ହୋଇଥିବା ଦେଖାଦେଇଛି। ତାତି ଯେତିକି ଉପର ମୁହାଁ ହେଉଛି ବିଦ୍ୟୁତ କାଟ ଓ ଲୋ ଭୋଲଟେଜ ଅଞ୍ଚଳବାସୀଙ୍କୁ ସେତିକି ଅସ୍ତବ୍ୟସ୍ତ କରୁଛି। ଏହାକୁ ତୀବ୍ର ବିରୋଧ କରି ବାଲିଗୁଡା ବ୍ଲକସ୍ତରୀୟ ପଞ୍ଚାୟତ ଜନପ୍ରତିନିଧି ପରିଷଦ ବାଲିଗୁଡା ଉପଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ହେଲା ବାଲିଗୁଡା ବିଦ୍ୟୁତ ବିଭାଗର ଅନିୟମିତତା ଅଘୋଷିତ ବିଦ୍ୟୁତ କାଟ ଏବଂ ଅନେକ ସମୟରେ ଲୋ ଭୋଲଟେଜ ଜନିତ ସମସ୍ୟା ଯୋଗୁ ଉପଯୁକ୍ତ ଭାବେ ବିଦ୍ୟୁତ ସେବା ନ ପାଇବା ଏହି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ସମସ୍ୟା ଯୋଗୁଁ ରାତିସାରା ଶୋଇ ପାରୁ ନ ଥିବାରୁ ବାଲିଗୁଡା ଜନସାଧାରଣ ବିଦ୍ୟୁତ ବିଭାଗ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବାଲିଗୁଡା ବିଦ୍ୟୁତ ପଏଣ୍ଟ ଉପରେ ନିର୍ଭରଶୀଳ ଗାଁ ଓ ସହରବାସୀଙ୍କ ମୌଳିକ ସ୍ୱାର୍ଥ ସମସ୍ୟାର ସମାଧାନ ନିମନ୍ତେ ଯଦି ଉପଯୁକ୍ତ ବିଦ୍ୟୁତ ସେବା ଓ ଲୋ ଭୋଲ୍ଟେଜ ସମସ୍ୟାର ଦୂରୀକରଣ କରାନଯାଏ, ତା ହେଲେ ଆଗାମୀ ଦିନରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବାଲିଗୁଡା ବ୍ଲକସ୍ତରୀୟ ପଞ୍ଚାୟତ ଜନପ୍ରତିନିଧି ପରିଷଦ ପକ୍ଷରୁ କୁହାଯାଇଛି।



## ବାଇକ୍-ସ୍କୁଟର ମୁହାଁମୁହିଁ; ଜଣେ ମୃତ

**ଫିରିଙ୍ଗିଆ, ୩୦।୫(ସମିସ):** ଡିଣ୍ଡିରାଗାଁ ପଞ୍ଚାୟତ କୁଡୁକି ଛକରେ ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୩ ଗୁରୁତର ଓ ୨ ଜଣ ସାମାନ୍ୟ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପାଙ୍ଗା ଗ୍ରାମର ପର୍ଶୁରାମ କହଁର (୧୯)ଙ୍କ ମୃତ୍ୟୁ ହୋଇଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ। ବୁଧବାର ସନ୍ଧ୍ୟାରେ ଫିରିଙ୍ଗିଆ ବ୍ଲକ ପାଙ୍ଗାଉପର ସାହି ପଞ୍ଚାୟତ ଅଞ୍ଚଳ ସିପାଞ୍ଜିରି ଗ୍ରାମର ରାକେଶ ଦିଗାଲ, ମାଲା ଗ୍ରାମର ଗୋବର୍ଦ୍ଧନ ଦିଗାଲ ଏବଂ ପାଙ୍ଗା ଗ୍ରାମର ପର୍ଶୁରାମ କେରେଡ଼ି ପଞ୍ଚାୟତର କାମ୍ବାଗୁଡା ଗ୍ରାମକୁ ଭୋଜି କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ। ଫେରୁଥିବା ସମୟରେ କୁଡୁକି ଛକ ନିକଟରେ ଏକ ସ୍କୁଟର ସହ ଧକ୍କା ହୋଇଥିଲା। ସ୍କୁଟରରେ ବସିଥିବା ଫୁଲବାଣୀର ସମେଶ୍ୱର ରାଓ ଏବଂ ହରିହର ଆହତ ହୋଇଥିବା ବେଳେ ବାଇକ୍‌ରେ ବସିଥିବା ୨ ଯୁବକ ଗୁରୁତର ହୋଇଛନ୍ତି। ଫିରିଙ୍ଗିଆ ଅଗ୍ନିଶମ ବିଭାଗ ଆହତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ପର୍ଶୁରାମଙ୍କ ମୃତ୍ୟୁ ହୋଇଛି। ସେ ଫୁଲବାଣୀ ସରକାରୀ କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ଥିଲେ।



## ମା' ମାଣିକେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମୋହନା, ୩୦।୫(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ କିଡ଼ାସିଂ ଗ୍ରାମରେ ପ୍ରଥମ ଥର ପାଇଁ ୧୫ ଓଭର ବିଶିଷ୍ଟ ମା'ମାଣିକେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଅଞ୍ଚଳର ୩୨ କ୍ରିକେଟ ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ମ୍ୟାଚ କୁଶପଲ୍ଲୀ ଓ ଖସଡ଼ା ଦଳ ମଧ୍ୟରେ ହୋଇଥିବା ବେଳେ କୁଶପଲ୍ଲୀ ଦଳ ଖସଡ଼ା ଦଳକୁ ୬ ୱିକେଟରେ ପରାସ୍ତ କରିଛି। ମ୍ୟାଚରେ ଅମ୍ପାୟର ଭାବେ ଲିଲୁ ବାହାକ ଓ ସୁରେଶ ମହାରଣା ଦାୟିତ୍ୱ ତୁଲାଇଥିଲେ। କିଡାସିଂ ଗ୍ରାମର ମା ମାଣିକେଶ୍ୱରୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାମ ମୁଖିଆ ଅନ୍ତର୍ଯ୍ୟାମୀ କାର୍ଜି ଯୋଗ ଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କିଡ଼ାସିଂ, ଜାଲିବାଡ଼ି, ଯୁଡ଼ାଆମ୍ବ, ପାଡ଼ିଗାଁ, ଅଣ୍ଡିରାଗଡ଼ ଗ୍ରାମର ଯୁବ ଗୋଷ୍ଠୀ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବନପାଳ ଦେବରାଜ ଦଳାଇ, ଅବସରପ୍ରାପ୍ତ ଶିକ୍ଷକ ତାରିଣୀ ଦଳାଇ, ୱାର୍ଡ ସଭ୍ୟ ବାଳକୃଷ୍ଣ ଦଳାଇ, ଜଗନ୍ନାଥ ରଣାରାଓ, ଶିକ୍ଷକ କାହ୍ନୁଚରଣ ରଣଜିତ୍, କୈଳାଶ ଦଳାଇ, କୁରେଶ ବାହକ ଓ ଯୁବକ ସଂଘ ସଭାପତି ହର୍ଷ କୁମାର ଦଳାଇ ଯୋଗ ଦେଇଥିଲେ।



ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ବିଡିଓ

## ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି




**ଜି.ଉଦୟଗିରି, ୩୦।୫(ସମିସ)**

କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତରେ ରାସ୍ତାଘାଟ ସହିତ ବିଭିନ୍ନ ସମସ୍ୟା ରହିଥିବା ବେଳେ ସମାଧାନ ପାଇଁ ପଞ୍ଚାୟତବାସୀ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଥିଲେ। ଏପରିକି ରାସ୍ତା ସମସ୍ୟାର ସମାଧାନ ନ ହେଲେ ଭୋଟ ବର୍ଜନ କରିବାକୁ ଧମକ ମଧ୍ୟ ଦେଇଥିଲେ। ଏହି ସବୁ ସମସ୍ୟାର ସମାଧାନ ପାଇଁ ଗୁରୁବାର ଜି.ଉଦୟଗିରି ବିଡିଓ ମନୋଜ କୁମାର ଦେବତାଙ୍କ ସହିତ ଏକ ଟିମ ପହଞ୍ଚି ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ବୁଲି ଦେଖିଛନ୍ତି। କଳିଙ୍ଗା ୬ ନଂ ୱାଡରେ କାଣିକୁଟି ଠାରୁ ରସେଡି ସାହି ରାସ୍ତା ମରାମତି ସହିତ ବିପଦ ସଂକୁଳ ଅବସ୍ଥାରେ ଥିବା କଲଭର୍ଟ ମରାମତି କରିବା। ଏହା ସହିତ ଡିଏଭି ଠାରୁ ଡୁଗୁଡିପାରି ରାସ୍ତା ମରାମତି କରାଯିବା ସହିତ ପୋଲ ନିର୍ମାଣ ଯଥାଶୀଘ୍ର କରାଯିବ ବୋଲି ବିଡିଓ କହିଛନ୍ତି। ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକ ଏବଂ ଲକ୍ଷ୍ମୀକାନ୍ତ ପ୍ରଧାନ ପ୍ରଶାସନ ଟିକଟରେ ଉଠାଇ ଆସୁଥିବା ବେଳେ ଗୁରୁବାର ମଧ୍ୟ ବିଭିନ୍ନ ସମସ୍ୟା ବୁଲାଇ ଦେଖାଇଲେ। ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ତୁରନ୍ତ ଏସବୁର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

## ୧୧ କିଲୋ ଗଞ୍ଜେଇ ଜବତ; ୨ ଗିରଫ

**ବ୍ରହ୍ମପୁର,୩୦।୫(ସମିସ):** ଅବକାରୀ ବିଭାଗ ପକ୍ଷରୁ ବ୍ରହ୍ମପୁର ରେଳଷ୍ଟେସନ ନିକଟରୁ ତାମିଲନାଡୁର ୨ଜଣ ଯୁବକଙ୍କ ଠାରୁ ପୃଥକ ଭାବେ ୧୧କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଯୁବକମାନେ ଟ୍ରେନଯୋଗେ ବ୍ରହ୍ମପୁର ସହରରୁ ତାମିଲନାଡୁକୁ ଗଞ୍ଜେଇ ଚାଲାଣ କରିବାକୁ ଯାଉଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ସେମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ଯୁବକମାନେ ହେଲେ ତାମିଲନାଡୁ ତୁଥୁକୋଡି ଜିଲ୍ଲାର ପୁଥୁକଟା ଥାନା ଅନ୍ତର୍ଗତ ରାଜପୁରମା ଗ୍ରାମର ଟି. ମଣି ମୁଥୁ(୧୯) ଓ ଶ୍ରୀଭାଇକୁଟମ ଥାନା ଅନ୍ତର୍ଗତ କୋରିଲା ସାହିର ସୁଦଲାଇ କାନ୍ନୁ(୨୨)। ଏନେଇ ଅବକାରୀ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଗିରଫ ପରେ ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ଅତ୍ୟାଧୁନିକ ଦନ୍ତ ଚିକିତ୍ସାଳୟ ଉଦ୍‌ଘାଟିତ



**କୁକୁଡ଼ାଖଣ୍ଡି,୩୦।୫(ସମିସ):** ଏସପି ଡେଣ୍ଟାଲ୍ କେର୍ ନାମକ ଏକ ଅତ୍ୟାଧୁନିକ ଦନ୍ତ ଚିକିତ୍ସାଳୟ କୁକୁଡ଼ାଖଣ୍ଡିରେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜର ମେଡ଼ିସିନ ବିଭାଗର ପ୍ରଫେସର ଡାକ୍ତର ନିହାର ରଞ୍ଜନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଏଭଳି ଆଧୁନିକ ଡେଣ୍ଟାଲ୍ କ୍ଲିନିକ ସ୍ଥାପନ ଜନସାଧାରଣଙ୍କ ନିମନ୍ତେ ଖୁବ୍ ଉପଯୋଗ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କ୍ଲିନିକର ପ୍ରତିଷ୍ଠାତା ଡ଼ଃ ପ୍ରିତୀ ପାତ୍ରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଏହି କ୍ଲିନିକରେ ଆଧୁନିକ ଦନ୍ତ ଚିକିତ୍ସା ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେବ ବୋଲି କହିଛନ୍ତି। ଅନ୍ୟତମ ଅତିଥି ରୂପେ ଅବସରପ୍ରାପ୍ତ ଭେଷଜ ପ୍ରଫେସର ଡ଼ଃ ଶିବରାମ ପଣ୍ଡା, ଶିଳ୍ପପତି ବିଜୟ କୁମାର ଦାସ, ଅବସରପ୍ରାପ୍ତ ଇଞ୍ଜିନିୟର ନରସିଂହ ପାତ୍ର, ମହିଳା ସ୍ୱାସ୍ଥ୍ୟ କର୍ମୀ କେ.କ୍ରିଷ୍ଣା କୁମାରୀ, ଲୋକେଶ ପାତ୍ର, ଅଜିତ କୁମାର ପାତ୍ର, ଭିନ୍ନକ୍ଷମ ନେତା କେ.ମଣିବାବୁ, ଶ୍ରୀବାସ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପାତ୍ର, ଜଳସେଚନ ଯନ୍ତ୍ର ଅରୁଣ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଡକାୟତି ଯୋଜନା ପଣ୍ଡ

# ‘ପେଟୁ’ ସମେତ ୪ ଡକାୟତ ଗିରଫ

**ବ୍ରହ୍ମପୁର,୩୦।୫(ସମିସ)**

ସ୍ଥାନୀୟ ଏମ୍‌କେସିଜି ମେଡିକାଲ ଖେଳପଡ଼ିଆରେ ବସି ଡକାୟତି ପାଇଁ ଯୋଜନା କରୁଥିବା ୪ ଜଣ ଯୁବକଙ୍କୁ କାବୁ କରିଛି ବୈଦ୍ୟନାଥପୁର ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ଲାଞ୍ଜିପଲ୍ଲୀ କାଞ୍ଜିଆମ୍ମା ମନ୍ଦିର ସାହିର ଏନ. ପ୍ରସାଦ ପାତ୍ର ଓରଫ ପେଟୁ(୨୪), ଲାଞ୍ଜିପଲ୍ଲୀ ଡିପ ସାହିର ସମୀର ବିଷୋୟୀ ଓରଫ ବାବୁ(୨୦), ରାମନଗର ପ୍ରଥମ ଲାଇନର ଡି. ସରୋଜ ପାତ୍ର ଓରଫ ଗୋପାଳ(୨୦) ଓ ଗଜପତିନଗର ୫ମ ଲାଇନର ଭବାନୀଶଙ୍କର ମହାରଣା ଓରଫ ପେଟୁ (୨୪) ବୋଲି ଜଣାପଡିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ କାତି, ୨ଟି ଲୁହା ରଡ, ୬ଟି ମୋବାଇଲ ସମେତ ୨ଟି ବାଇକ ଜବତ କରିଥିବା ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଥାନାରେ ଅଞ୍ଚଳରେ ଚୋରି ଓ ଲୁଟ୍ ଘଟଣା ବୃଦ୍ଧି ପାଉଥିବା ବେଳେ ପୁଲିସ ପକ୍ଷରୁ ପେଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ବୁଧବାର ରାତିରେ ବୈଦ୍ୟନାଥପୁର ଥାନା ପକ୍ଷରୁ ମେଡିକାଲ ପରିସରରେ ପେଟ୍ରୋଲିଂ ଜାରି ରହିଥିବା ବେଳେ ମେଡିକାଲ ଖେଳପଡିଆରେ କିଛି ଯୁବକ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଥିବା ପୁଲିସକୁ ଖବର ମିଳିଥିଲା। ଖବର ପାଇ ପୁଲିସ ପକ୍ଷରୁ ସେଠାରେ ଅତର୍କିତ ଚଢଉ ହୋଇଥିଲା। ଚଢଉବେଳେ ଉପରୋକ୍ତ ୪ଅଭିଯୁକ୍ତଙ୍କୁ ପୁଲିସ କାବୁ କରିଥିଲା। ସେହିପରି ଅନ୍ୟଜଣେ ଅଭିଯୁକ୍ତ ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲା। ଉପରୋକ୍ତ ଅଭିଯୁକ୍ତମାନେ ମାରଣାସ୍ତ୍ର ଧରି ନିକଟସ୍ଥ କୌଣସି ସ୍ଥାନରେ ଡକାୟତି କରିବାକୁ ଯୋଜନା କରୁଥିଲେ ବୋଲି ପୁଲିସ ଜାଣିବାକୁ ପାଇଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପେଟ୍ରୋଲିଂ ବେଳେ ଏସଏସଆଇ ବିଜୟ କୁମାର ସୁନାଶଗଡ଼, ହାବିଲଦାର ଦେବେନ୍ଦ୍ର ଦାସ, ଓଏପିଏଫ ଏ.ଗମାଙ୍ଗ, ହୋମଗାର୍ଡ ଦୀପକ କୁମାର ପାତ୍ର ସାମିଲ ଥିବା ତଦନ୍ତକାରୀ ଅଧିକାରୀ ତଥା ଏସଆଇ ଶ୍ରୀନିବାସ ମଲ୍ଲିକ ସୂଚନା ଦେଇଛନ୍ତି।

**ମାରଣାସ୍ତ୍ର ସହ ୬ଟି ମୋବାଇଲ୍ ଜବତ**



## ତାଲାବନ୍ଦ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ବ୍ରହ୍ମପୁର,୩୦।୫(ସମିସ):** ଦିନ ଦ୍ୱିପହରରେ ଗୋପାଳପୁର ଥାନା ଅନ୍ତର୍ଗତ ଗୁନା ସାହିର ଏକ ତାଲା ବନ୍ଦ ଘରକୁ ଟାର୍ଗେଟ କରିବା ସହ ଘରେ ଥିବା ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟ୍ କରିନେଲେ ଦୁର୍ବୃତ୍ତ। ଏନେଇ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ବି. ଦମୟନ୍ତୀ ନାମକ ଜଣେ ଅବିବାହିତ ମହିଳା ତାଙ୍କ ମାମୁଁଙ୍କ ଘରେ ଏକୁଟିଆ ରହି ଆସୁଥିଲେ। ଏହା ସହ ସେ ବେଳାଭୂମିରେ ଥିବା ଫାଷ୍ଟଫୁଡ୍ ଦୋକାନରେ କାମ କରିବା ପାଇଁ ଅପରାହ୍ନ ୨ଟା ବେଳେ ଘରେ ତାଲା ପକାଇ ଯାଇଥିଲେ। ରାତି ୧୧ଟା ସମୟରେ ଘରକୁ ଫେରିବା ପରେ ଘରର ମୁଖ୍ୟଦ୍ୱାରର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରରେ ଥିବା ଆଲମିରା ଭଙ୍ଗା ଯାଇ ସେଥିରେ ଥିବା ୫ଭରି ଓଜନର ସୁନା ଅଳଙ୍କାର ସହ ବୁଧବାର ଦିନ ମହିଳା ସଂଘରୁ ଋଣ ଆକାରରେ ଆଣିଥିବା ନଗଦ ୫୦ହଜାର ଟଙ୍କା ଓ ପୂର୍ବରୁ ଗଚ୍ଛିତ ଥିବା ୧୦ହଜାର ଟଙ୍କା ଚୋରି ଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଦମୟନ୍ତୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି।

**୫ ଭରି ସୁନା ଅଳଙ୍କାର ସହ ୬୦ ହଜାର ଟଙ୍କା ଲୁଟ୍**

## ସାହିତ୍ୟ ପରିଷଦର ଉପଦେଷ୍ଟା ମଣ୍ଡଳୀର ବୈଠକ

**ଜୟପୁର,୩୦।୫(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସାହିତ୍ୟ ପରିଷଦର ଉପଦେଷ୍ଟା ମଣ୍ଡଳୀର ଏକ ଜରୁରୀ ବୈଠକ ଜୟପୁରଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ହରିହର କରସୁଧା ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆୟୋଜିତ ପରିଷଦ ଉପଦେଷ୍ଟା ମଣ୍ଡଳୀର ଏହି ବୈଠକରେ ଆସନ୍ତା ଜୁନ୍ ୨୮ ତାରିଖରେ ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବଙ୍କ ଜୟନ୍ତୀ ଓ ଏକ ସ୍ମରଣିକା ପ୍ରକାଶନ ନିମନ୍ତେ ଆଲୋଚନା ହୋଇଥିଲା। ରାଜା ବିକ୍ରମଦେବଙ୍କ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜୟପୁର ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚାଯାଇଥିଲା। ପରିଷଦ ସଭାପତି ଶ୍ରୀ ପଟ୍ଟନାୟକ ଏବଂ କାର୍ଯ୍ୟକ୍ରମ ସଂଯୋଜକ ନବକୃଷ୍ଣ ରଥଙ୍କୁ ଏହି କାର୍ଯ୍ୟକ୍ରମ ଆୟୋଜନର ଦାୟିତ୍ୱ ଦିଆଯାଇଛି। ଏଥିସହ ଉକ୍ତ ଦିନ ଦିବଂଗତ ସ୍ଥାନୀୟ ସମାଜସେବୀମାନଙ୍କ ସମ୍ପର୍କରେ ଏକ ସ୍ମରଣିକା ପ୍ରକାଶ କରାଯିବ।

## କାର୍ ଧକ୍କାରେ ଲୁନା ଚାଳକ ମୃତ

**ରାମନାଗୁଡ଼ା,୩୦।୫(ସମିସ)**

ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ଚାକୁଣ୍ଡା ଗ୍ରାମଠାରୁ ଅନତି ଦୂର ୩୨୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଘଟଣାରୁ ପ୍ରକାଶ ଯେ, ଲୁନାଚାଳକ ଭୋନା ସୁରେଶ ପ୍ରତିଦିନ ପରି ଉକାମ୍ବାରୁ ବ୍ୟବସାୟ କରି ନିଜ ଲୁନାରେ ରାମନାଗୁଡ଼ା ଘରକୁ ଫେରୁଥିବା ସମୟରେ ଚାକୁଣ୍ଡା ଶ୍ମଶାନ ନିକଟସ୍ଥ ଆମ୍ବ ଗଛ ନିକଟରେ ବିପରୀତ ଦିଗରୁ ଏକ ଦ୍ରୁତଗାମୀ କାର୍ ଲୁନାଚାଳକ ସୁରେଶଙ୍କୁ ସାମ୍ନା ପଟରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟିବା ପରେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଉକ୍ତ ଦୁର୍ଘଟଣାଗ୍ରସ୍ତ କାରକୁ ଅଟକାଇବା ସହ ସୁରେଶଙ୍କୁ ଚିକିତ୍ସା ନିମନ୍ତେ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଡା. ପ୍ରଣତି ମହାପାତ୍ର ସୁରେଶଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ରାମନାଗୁଡ଼ା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରାଯାଇ ଥାନାକୁ ଅଣାଯିବା ସହ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଆଇ ପୃଥିରାଜ ଝଙ୍କାର ଓ ଜଗନ୍ନାଥ ବେହେରା ଏହାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ସୁରେଶଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ଆଦିବାସୀଙ୍କ ନିଆରା ପରମ୍ପରା ‘ମୈତ୍ର ମିଳନ ଉତ୍ସବ’

**ମାଥିଲି,୩୦।୫(ସମିସ):** ଆଦିବାସୀଙ୍କ ନିଆରା ପରମ୍ପରା ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଧୁଙ୍ଗିଆପୁଟ ପଞ୍ଚାୟତ ଅନ୍ତର୍ଗତ ପାତ୍ରପୁଟ ଗ୍ରାମରେ ମୈତ୍ର ମିଳନ ଉତ୍ସବ ବା ମାପ୍ରସାଦ ଭେଟଘାଟ ବା ଚିତ୍ର ମାସର ସରାସରି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହା ଖଇରପୁଟ ବ୍ଲକର କୁମାରପୁଟ ଗ୍ରାମବାସୀ ଏବଂ ମାଥିଲି ବ୍ଲକର ପାତ୍ରପୁଟ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘ ତିନି ଦାଶନ୍ଧିରୁ ଊର୍ଦ୍ଧ୍ୱ ଧରି ଲାଗି ରହିଛି। ପ୍ରତି ୩ ବର୍ଷକୁ ଥରେ ନିମନ୍ତ୍ରଣ ଦେଇ ଏକାଠି ମାପ୍ରସାଦ ଭେଟଘାଟ ଜାରି ରହିଛି। ଏହିପରି ଆଜକୁ ୩୨ତମ ଉତ୍ସବଟି ପାତ୍ରପୁଟ ଗ୍ରାମବାସୀ କୁମାରପୁଟ ଗ୍ରାମବାସୀଙ୍କୁ ନିମନ୍ତ୍ରଣ ଦେଇ ଡକାଇ ସ୍ୱାଗତ କରି ପାଳନ କରିଛନ୍ତି। ଏହି ମୈତ୍ର ମିଳନରେ ଏକ ସଭା କରାଯାଇଥିଲା। ଏହି ସଭା ଦୁଇ ଗ୍ରାମର ସଙ୍ଗାତ ଗାଁର ଭଦ୍ରବ୍ୟକ୍ତି ଉପସ୍ଥିତ ରହିଥିଲେ। ଯଥା- କୁମାରପୁଟ ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ମଞ୍ଚାସୀନ ଅତିଥି ଗ୍ରାମର ନାୟକ ପଦମନ ଧାଙ୍ଗଡ଼ା ନାୟକ, ବାରିକ ଧବଳେଶ୍ୱର ବାରିକ, ଚାଲାଣ ଲକ୍ଷ୍ମଣ ଧାଙ୍ଗଡ଼ାମାଝୀ, ଧାଙ୍ଗଡ଼ା ନାୟକ ନରସିଂହ ସମରଥ, କୁମାରପୁଟ ଗ୍ରାମ ପୂଜାରୀ ଗୋରା ପୂଜାରୀ ଏବଂ କୁମାରପୁଟର ଭଦ୍ର ବ୍ୟକ୍ତିଙ୍କ ମଧ୍ୟରେ ଖଇରପୁଟ ବ୍ଲକ୍ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଖଇରପୁଟ ସଦର ସରପଞ୍ଚ ଦଇମତି ଗୋଲପେଦା, ଈଶ୍ୱର ରାଜୁ, ଗୁପ୍ତ ନାୟକ, ଧନରାଜ ସମରଥ, ଲକି ନାଥ ନାୟକ, ରବି ଗୋଲପେଦା, କମୁଲୁ ସମରଥ, ଖଇରପୁଟର ପୂର୍ବତନ ସରପଞ୍ଚ ବୁଦ୍ରା ଧାଙ୍ଗଡ଼ାମାଝୀ, ହରି ପୂଜାରୀ, ଚନ୍ଦ୍ରଶେଖର ନାୟକଙ୍କ ସମେତ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ପାତ୍ରପୁଟ ଗ୍ରାମର ମୁଖ୍ୟ ଧନ ନାୟକ, ବାରିକ ହରିସିଂ ଖୁଡୁପିଆ,ଚାଲାଣ ବୁଟି ଦୋରା, ଧାଙ୍ଗଡ଼ାନାୟକ ଗ୍ରାମଦେବୀ ପୂଜାରୀ ମାଧବ ପୂଜାରୀ, ଭଦ୍ର ମୁଖ୍ୟ ଦଶରଥ ସଗରିଆ, ଧନ ନାୟକ, ଭଗବାନ ରେଡ୍ଡି, ଧନର୍ଜୟ ପୂଜାରୀ, ସୁବାସ ଦୋରା, ଭି. ରାମ ପ୍ରସାଦ, ସଦାଶିବ ନାୟକଙ୍କ ସମେତ ବହୁ ସଂଖ୍ୟକ ବ୍ୟକ୍ତିବିଶେଷ ଉକ୍ତ ସଭାରେ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ମୁଖ୍ୟ ଯଥା- କୁମାରପୁଟ ଏବଂ ପାତ୍ରପୁଟର କୃପା ବାବୁ, ଧନ ନାୟକ, ପଦମ ଦୋରା, ମୁକୁନ୍ଦ ନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଶୋକସଭା ହୋଇଥିଲା। ମଞ୍ଚ ପରିଚାଳନା ଦାୟିତ୍ୱରେ ଥିଲେ ଅଜିତ କୁମାର ସଗରିଆ। ପାତ୍ରପୁଟ ଓ କୁମାରପୁଟ ଏହି ଦୁଇ ଗ୍ରାମବାସୀଙ୍କ ମୈତ୍ର ମିଳନ ଉତ୍ସବ ସାରା ଜୀବନ ଥିବା ପର୍ଯ୍ୟନ୍ତ ଏମିତି ରହିବା ଏବଂ ଯେତେ ବାଧାବିଘ୍ନ ଆସିଲେ ମଧ ପଛଘୁଞ୍ଚା ଦେବା ନାହିଁ ବୋଲି କୁମାରପୁଟ ଏବଂ ପାତ୍ରପୁଟ ଗ୍ରାମବାସୀ ସଂକଳ୍ପ ନେଇଛନ୍ତି। ପରିଶେଷରେ ଯିଏ କି ଦୁଇ ସଙ୍ଗାତଙ୍କୁ ଯୋଡ଼ିବାରେ ବହୁ ଅବଦାନ ଥିବା ମନମୋହନ ପରିଡ଼ା ଓ ତାଙ୍କ ପତ୍ନୀଙ୍କୁ କୁମାରପୁଟ ଗ୍ରାମବାସୀ ବସ୍ତ୍ର ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ମୈତ୍ର ମିଳନ ଉତ୍ସବରେ ନାଚଗୀତ, ବ୍ୟାଣ୍ଡ ବାଜା ସହ ମହୁରିଆ ଢାପୁ ବାଜାରେ ବହୁ ଆଡ଼ମ୍ବର ସହ ଝୁମି ଉଠିଥିଲା।



### ଜୀରା ଗ୍ରାମରେ ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣାଧୀନ

# ଦୁଇ ଦିନରେ ଚିହ୍ନଟ ହୋଇଥିଲେ ୯ ଜଣ ପଜିଟିଭ୍ ରୋଗୀ







**ପଦ୍ମପୁର,୩୦।୫(ସମିସ):**

ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଗୁଡ଼ିଆବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜୀରା ଗ୍ରାମରେ ଗତ ଦୁଇ ଦିନ ମଧ୍ୟରେ ଗ୍ରାମବାସୀଙ୍କ ଭିତରେ ଡେଙ୍ଗୁ ରୋଗକୁ ନେଇ ଆତଙ୍କ ଖେଳିଯାଇଥିଲା। ଗ୍ରାମର ପ୍ରାୟ ୯ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଜଣଙ୍କୁ ବ୍ରହ୍ମପୁର ଓ ଅନ୍ୟ ଜଣଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଗୁରୁବାର ଗ୍ରାମରେ ଆଉ କେହି ଡେଙ୍ଗୁ ପଜିଟିଭ୍ ରୋଗୀ ଚିହ୍ନଟ ହୋଇ ନ ଥିବା ପଦ୍ମପୁର ସିଏଚସି ପକ୍ଷରୁ ସୂଚନା ମିଳିଛି। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ଅଞ୍ଜନା ମହାନନ୍ଦିଆଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗତ ଦୁଇ ଦିନ ଧରି ସେ ଚିକିତ୍ସାଧୀନ ଥିବାବେଳେ ରକ୍ତରେ ପ୍ଲେଟଲେଟ୍ କମୁଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ ଅଞ୍ଜନାଙ୍କ ବାପା ଭାସ୍କର ମହାନନ୍ଦିଆ କହିଛନ୍ତି ଯେ ହଠାତ୍ ଗ୍ରାମରେ ଡେଙ୍ଗୁ ବ୍ୟାପିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ଗ୍ରାମର ଆବର୍ଜନା ପରିବେଶ ଯୋଗୁଁ ଏଭଳି ହୋଇଥାଇପାରେ ବୋଲି ସେ କହିଛନ୍ତି। ଗୁରୁବାର ଜୀରା ଗ୍ରାମରେ ମେଡିକାଲ ଟିମ୍ ପହଞ୍ଚି ଗାଁର ଚତୁଃପାର୍ଶ୍ୱର ସାହିଗଳିରେ ବ୍ଲିଚିଂ ପାଉଡର ପକାଇବା ସହ ଲୋକଙ୍କୁ ମଶାରି ଟାଣି ଶୋଇବା ଏବଂ ବାସିଖାଦ୍ୟ ନ ଖାଇବା ପାଇଁ ସଚେତନ କରିଥିଲେ। ମେଲେରିଆ ନିରାକରଣ ଅଧିକାରୀ ଜୟଦେବ ନିମାଲପୁରୀ ଗାଁରେ ସ୍ଥିତି ଅନୁଧ୍ୟାନ ପରେ ଡେଙ୍ଗୁ ନିୟନ୍ତ୍ରଣାଧୀନ ଥିବା କହିଛନ୍ତି।

ପ୍ରକାଶ ଥାଉ କି, ଗତ ଦୁଇ ଦିନ ତଳେ ଜୀରା ଗ୍ରାମରେ ଅଧିକାଂଶ ଲୋକଙ୍କୁ ଭୀଷଣ ଜ୍ୱର ଓ ବାନ୍ତି ହେବା ସହ ଗୋଡ଼, ହାତ ବିନ୍ଧାର ଲକ୍ଷଣ ଦେଖାଦେଇଥିଲା। ଗ୍ରାମର ସଲସଲ ନିଶାଲ(୨୧), ମଧୁ ସୁରିଆ(୨୯), ବିକାଶ ସୁରିଆଲୁ(୩୨), ବୁଡୁ ବିଡିକା(୬୦), ଅଞ୍ଜନା ମହାନନ୍ଦିଆ(୨୪), ସଞ୍ଜୁ ଦାସ(୨୪), କୃଷ୍ଣ କେଶବ ପଣ୍ଡା(୫୦), ସୂର୍ଯ୍ୟ ଗୌଡ଼(୪୦), ସୁଲୋଚନା ପରିପାକା(୬୭) ପ୍ରମୁଖ ଡେଙ୍ଗୁରେ ଆକ୍ରାନ୍ତ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ କୃଷ୍ଣ କେଶବ ପଣ୍ଡାଙ୍କୁ ବ୍ରହ୍ମପୁର ଓ ବିନା ମୂଲିଆଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିଲା। ଡେଙ୍ଗୁ ଆତଙ୍କକୁ ନେଇ ପଦ୍ମପୁର ସିଏଚସିର ଇନଚାର୍ଜ ଡାକ୍ତର ରତ୍ନପୂର୍ଣ୍ଣା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚିଥିବାବେଳେ ଏଥିରେ ଡାକ୍ତର ଶ୍ରୀ ବାଗ, ମେଲେରିଆ ନିରାକରଣ ଅଧିକାରୀ ଜୟଦେବ ନିମାଲପୁରୀ, ଜନସ୍ୱାସ୍ଥ୍ୟ ଅଧିକାରୀ ସଫିରା ରାଇକା, ନର୍ସିଂ ଷ୍ଟାଫ୍ ରୋଜ ମେରୀ ପ୍ରମୁଖଙ୍କ ସହ ଆଶାକର୍ମୀମାନେ ମଶାରି ବଣ୍ଟନ କରିବା ସହ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

**■ ଗ୍ରାମବାସୀଙ୍କୁ ମଶାରି ବ୍ୟବହାର ପାଇଁ ସଚେତନ କଲେ ଡାକ୍ତରୀ ଟିମ୍**

## ଜିଲ୍ଲାପାଳଙ୍କ ଦ୍ୱାରା ଆକାଂକ୍ଷା ମିଶ୍ର ଓ ଆକାଂକ୍ଷା ମହାପାତ୍ର ସମ୍ମାନିତ



**ଉମରକୋଟ,୩୦।୫(ସମିସ):**

ନବରଙ୍ଗପୁର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ମାଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ଉମରକୋଟ ପାଇଁ ଗୌରବ ଆଣିଥିବା ଆକାଂକ୍ଷା ମିଶ୍ର ଓ ଆକାଂକ୍ଷା ମହାପାତ୍ରଙ୍କୁ ସମ୍ମାନିତ କରିଛନ୍ତି ଜିଲ୍ଲାପାଳ। ନବରଙ୍ଗପୁର ଜିଲ୍ଲା ଉମରକୋଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ମିଶ୍ର ମୋଟ ୬୦୦ରୁ ୫୫୧ ମାର୍କ (୯୧.୮୩ ପ୍ରତିଶତ) ରଖିଥିବାବେଳେ ଉମରକୋଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀ ଆକାଂକ୍ଷା ମହାପାତ୍ର ୬୦୦ରୁ ୫୪୦ ମାର୍କ (୯୦ ପ୍ରତିଶତ) ରଖି ବିଦ୍ୟାଳୟ ତଥା ଉମରକୋଟ ପାଇଁ ଗୌରବ ଆଣିଛନ୍ତି। ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ମାନପତ୍ର ପ୍ରଦାନ କରି ଉଭୟଙ୍କୁ ସମ୍ମାନିତ କରିବା ସହ ଭଲ ପାଠପଢ଼ି ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଛନ୍ତି। କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ମଣିଷ ତା’ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥାଏ ବୋଲି ଜିଲ୍ଲାପାଳ ଡ. ମିଶ୍ର କହିଥିଲେ।

